ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.115 Bhubaneswar Friday June 17 2022 | ୨୫ତମ ବର୍ଷ ସଂଖ୍ୟା-୧୧୫ ଭୁବନେଶ୍ୱର, ଶୁକ୍ରବାର, ଜୁନ ୧୭, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS



ଭାରତୀୟ ଜାତୀୟ କଂଗ୍ରେସ ରାଜ୍ୟସଭା ସାଂସଦମାନଙ୍କର ଏକ ପ୍ରତିନିଧୀ ଦଳ ଭାରତର ମାନ୍ୟବର ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧକ୍ଷ ଶ୍ରୀ ଏମ ଭେଙ୍କୟା ନାଇଡୁଙ୍କୁ ଭେଟି ଦିଲ୍ଲୀ ପୋଲିସ୍ ଦ୍ୱାରା ସାଂସଦଙ୍କ ଅଧିକାରର ନିଷ୍ଠୁର ଉଲ୍ଲଂଘନ କରିଥିବା ନେଇ ଉଚିତ ମୂଲ୍ୟାଙ୍କନକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ଆଠଜଣ ସାଂସଦଙ୍କ ପ୍ରତିନିଧୀ ଶ୍ରୀ କେସି ଭେନୁଗୋପାଲ, ଶ୍ରୀ ମଲ୍ଲିକାର୍ଜୁନ ଖାର୍ଗେ, ଶ୍ରୀ ପି ଚିଦାମ୍ବରମ, ଶ୍ରୀ ଜୟରାମ ରମେଶ, ଶ୍ରୀ ନୀରଜ ଡାଙ୍ଗି, ଶ୍ରୀ ନାସିର ହୁସେନ୍, ଆମି ୟଜନିକ୍ ଏବଂ ଜେବି ମାଥର୍

## ଆଇଏଏସ ସ୍ତରରେ ବଡଧରଣର ଅଦଳବଦଳ: ୧୧ ଜିଲ୍ଲାପାଳ ଓ ୩ ମହାନଗର ନିଗମ କମିଶନରଙ୍କ ବଦଳି

ଭୁବନେଶ୍ୱର,୧୬।୬(ପି.ଏନ): ରାଜ୍ୟ ସରକାର ଆଜି ଜିଲ୍ଲାପାଳ ଓ ଆଇଏଏସ ସ୍ତରରେ ବଡଧରଣର ଅଦଳବଦଳ କରିଛନ୍ତି । ୧୧ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଭୁବନେଶ୍ୱର,କଟକ ଓ ବ୍ରହ୍ମପୁର ମହାନଗର ନିଗମର କମିଶନରଙ୍କୁ ବଦଳି କରାଯାଇଛି । ଏହାସହିତ ଓଏଏସ ଅଫିସରଙ୍କ ହାତରେ ଥିବା ଖୋର୍ଦ୍ଧା, ଭଦ୍ରକ, ରାୟଗଡା ଜିଲ୍ଲାର ଜିଲ୍ଲାପାଳ ପଦବୀକୁ ମଧ୍ୟ ସେମାନଙ୍କଠୁ ଛଡାଇ ନେଇ ଆଇଏଏସ୍ ଅଫିସରଙ୍କ ହାତରେ ନ୍ୟସ୍ତ କରାଯାଇଛି ।ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୨୦୧୦ ବ୍ୟାଚ୍ ଆଇଏଏସ୍ ତଥା ଦେବଗଡ ଜିଲ୍ଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଥିବାବେଳେ କନ୍ଧମାଳ ଜିଲ୍ଲାପାଳ ଆଇଏଏସ୍ ବୃନ୍ଦା ଡିଙ୍କୁ ଓଡିଶା ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଛି । ସେହିପରି ବାଲେଶ୍ୱର ଜିଲ୍ଲାର ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଓ ସେଠାରେ ଥିବା ବରିଷ୍ଠ ଓଏଏସ୍ ସଂଗ୍ରାମ କୁମାର ମହାପାତ୍ରଙ୍କୁ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରୋଜେକ୍ଟ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି । ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରୋଜେକ୍ଟ ନିର୍ଦ୍ଦେଶକ ଥିବା ଆଇଏଏସ୍ ପ୍ରେମଚନ୍ଦ୍ର ଚୌଧୁରୀଙ୍କୁ କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି ।ସୁନ୍ଦରଗଡ ଜିଲ୍ଲାପାଳ ଆଇଏଏସ୍ ନିଖିଳ ପବନ କଲ୍ୟାଣଙ୍କୁ କଟକ ମ୍ୟୁନିସପାଲଟି କମିଶନର ଭାବେ ବଦଳି ହୋଇଛି । ସେ କଟକ ଉନ୍ନୟନ ପ୍ରାଧିକରଣର ଉପାଧକ୍ଷ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ତୁଲାଇବେ ।ଗଞ୍ଜାମ ଜିଲ୍ଲାପାଳ ତଥା ୨୦୧୩ ବ୍ୟାଚ୍ ଆଇଏଏସ୍ କୁଲାଙ୍ଗେ ବିଜୟ ଅମୃତଙ୍କୁ ଭୁବନେଶ୍ୱର ମହାନଗର ନିଗମର କମିଶନର ଭାବେ ବଦଳି କରାଯାଇଛି। ଭୁବନେଶ୍ୱର ମହାନଗର ନିଗମ କମିଶନର ପଦବୀକୁ ଯୁଗ୍ମ ସଚିବ ପାହ୍ୟା ସହ ସମାନ କରାଯାଇଛି । ଏହାସହିତ ସେ କ୍ଲଟ ପରିଚାଳନା ନିର୍ଦ୍ଦେଶକ ଓ ବିଏସସିଏଲ୍ ସିଇଓ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ସେହିପରି ଜଳସମ୍ପଦ ବିଭାଗର ଯୁଗ୍ମ ସଚିବ ଆଇଏଏସ ମଧୁସ୍ମିତା ସାହୁଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ସଚିବ, ଭାବେ ବଦଳି ହୋଇଛନ୍ତି ।କଳାହାଣ୍ଡି ଜିଲ୍ଲାପାଳ ଆଇଏଏସ୍ ଡଃ ଗାଭିଲ ପରାଗ ହର୍ଷଦଙ୍କୁ ସୁନ୍ଦରଗଡ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ନୂଆପଡା ଜିଲ୍ଲାପାଳ ଆଇଏଏସ୍ ସ୍ୱଧା ଦେବ ସିଂଙ୍କୁ ରାୟଗଡା ଜିଲ୍ଲାପାଳ ଓ ରାୟଗଡାରେ ଥିବା ବରିଷ୍ଠ ଓଏଏସ୍ ସରୋଜ କୁମାର ମିଶ୍ରଙ୍କୁ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସହ ଗୃହ ବିଭାଗ(ପ୍ରୋଟୋକଲ) ଦାୟିତ୍ୱ ମିଳିଛି ।କଟକ ମହାନଗର ନିଗମ କମିଶନର ଆଇଏଏସ୍ ଅନନ୍ୟା ଦାସଙ୍କୁ ସମ୍ବଲପୁର ଜିଲ୍ଲାପାଳ ଓ ସମ୍ବଲପୁରରେ ଥିବା ଆଇଏଏସ୍ ଦିବ୍ୟଜ୍ୟୋତି ପରିଡାଙ୍କୁ ଗଞ୍ଜାମ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ବ୍ରହ୍ମପୁର ମହାନଗର ନିଗମ କମିଶନର ଆଇଏଏସ୍ ସିଦ୍ଧ ?ଶ୍ୱର ବଳିରାମ ବୋନ୍ଦାରଙ୍କୁ ଭଦ୍ରକ ଜିଲ୍ଲାପାଳ ଭାବେ ବଦଳି କରାଯାଇଛି ।ଭଦ୍ରକରେ ଥିବା ଓଏଏସ୍ ତ୍ରିଲୋଚନ ମାଝୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ ବଦଳି ହୋଇଛି । ସେହିପରି ଗଞ୍ଜାମରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଥିବା ଆଇଏଏସ୍ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଭାବେ ବଦଳି ହୋଇଛି ।କଳାହାଣ୍ଡି ଜିଲ୍ଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଆଇଏଏସ୍ ସୋମେଶ କୁମାର ଉପାଧ୍ୟାୟଙ୍କୁ ଦେବଗଡ ଜିଲ୍ଲାପାଳ, ମୟୂରଭଞ୍ଜ ଜିଲ୍ଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ୨୦୧୭ ବ୍ୟାଚ୍‌ର ଆଇଏଏସ୍ ପି ଅନଭେଶା ରେଡ୍ଡୀଙ୍କୁ କଳାହାଣ୍ଡି ଜିଲ୍ଲାପାଳ, ବାଲେଶ୍ୱର ଉପଜିଲ୍ଲାପାଳ ଆଇଏସଏସ୍ ପାଟିଲ ଆଶୀଷ ଈଶ୍ୱରଙ୍କୁ କନ୍ଧମାଳ ଜିଲ୍ଲାପାଳ, କୋରାପୁଟ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ହେମକାନ୍ତ ସଏଙ୍କୁ ନୂଆପଡା ଜିଲ୍ଲାପାଳ, ବ୍ରହ୍ମପୁର ଉପଜିଲ୍ଲାପାଳ ୨୦୧୮ ବ୍ୟାଚ୍ ଆଇଏଏସ୍ କୀର୍ତ୍ତି ଭାସନଙ୍କୁ ଗଞ୍ଜାମ ଜିଲ୍ଲା ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ସମ୍ବଲପୁର ଉପଜିଲ୍ଲାପାଳ ଆଇଏଏସ୍ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଭୁବନେଶ୍ୱର ମହାନଗର ନିଗମର ଅତିରିକ୍ତ କମିଶନର, ଗୁଣୁପୁର ଉପଜିଲ୍ଲାପାଳ ୨୦୧୮ ବ୍ୟାଚ୍ ଆଇଏଏସ୍ ଜେ ସୋନାଲଙ୍କୁ ବ୍ରହ୍ମପୁର ମହାନଗର ନିଗମର କମିଶନର ଓ ନବରଙ୍ଗପୁର ଉପଜିଲ୍ଲାପାଳ ୨୦୧୯ ବ୍ୟାଚ୍ ଆଇଏଏସ୍ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ସାଧାରଣ ପ୍ରଶାସନବିଭାଗର ଅନୁସଚିବ ଭାବେ ବଦଳି କରାଯାଇଛି ।



## ଓଡ଼ିଶାରେ ପହଂଚିଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ

ଭୁବନେଶ୍ୱର, ୧୬।୬(ପି.ଏନ): ଆଜି ଦକ୍ଷିଣ ଓଡ଼ିଶାର କେତେକ ଅଂଚଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିଛି । ଭୁବନେଶ୍ୱର ସ୍ଥିତ ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ମିଳିଥିବା ସୂଚନା ଅନୁସାରେ ଏହାର ପ୍ରଭାବରେ ଓଡ଼ିଶାର ଦକ୍ଷିଣାଂଚଳରେ ଥିବା କେତେକ ଜିଲ୍ଲାରେ ପ୍ରବଳ ବୃଷ୍ଟିପାତ ହେବାର ସମ୍ଭାବନା ଅଛି। ଏହାଛଡ଼ା, ଆଜି ଓଡ଼ିଶାର କେସତେକ ଅଂଚଳରେ ଘଡ଼ଘଡ଼ି ସହ ବର୍ଷା ହୋଇପାରେ ବୋଲି ଆକଳନ କରାଯାଇଛି ।

## ବିଦେଶି ମଦ ବୋତଲରେ ନକଲି ମଦ, ଜଣେ ଗିରଫ

ଜୟପୁର, ୧୬।୬(ପି.ଏନ): ବିଦେଶି ମଦ ବୋତଲ ଓ ଷ୍ଟିକର ଲଗାଇ ବୋତଲରେ ନକଲି ମଦ ଭର୍ତି କରି ଚାଲାଣ କରୁଥିବା ବେଳେ ଜୟପୁର ଅବକାରୀ ବିଭାଗ ଚଡଉ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ପୁଟ୍ରା ଗ୍ରାମର ସୁରେନ୍ଦ୍ର ଭୁମିଆ ।ଜୟପୁର ଅବକାରୀ ବିଭାଗର ସୂଚନା ଅନୁଯାୟୀ, ପୁଟ୍ରା ଗ୍ରାମର ସୁରେନ୍ଦ୍ର ଭୁମିଆ ବିଦେଶି ମଦ ଓ ଷ୍ଟିକର ଲଗାଇ ବୋତଲରେ ନକଲି ମଦ ଭର୍ତି କରି ଚାଲାଣ କରୁଥିବା ବେଳେ ଅବକାରି ବିଭାଗ ଚଡଉ କରିଛି । ୨୪ଟି ନକଲି ମଦ ବୋତଲ ଜବତ କରିଛି । ୨୪ଟି ବୋତଲରେ ୪ ଲିଟର ୩୨୦ ମିଲିମିଟର ନକଲି ମଦ ଜବତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ।ଏହି ଚଡଉରେ ଅବକାରୀ ନିରିକ୍ଷକ ଦୁର୍ବାଦଳ ବିଶ୍ୱାଳ, ଓଆଇସି ସଞ୍ଜୟ କୁମାର ତାଣ୍ଡି, ଏଏସଆଇ ଏମ. ଲକ୍ଷ୍ମଣ ରାଓ, ମାଧବେଶ ମାରାଣ୍ଡି ପ୍ରମୁଖ ସାମିଲ ଥିଲେ।

## ୨୪ ଘଂଟାରେ ସାରା ରାଜ୍ୟରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୬।୬(ପି.ଏନ): ଦକ୍ଷିଣ- ପଶ୍ଚିମ ମୋସୁମୀ ବାୟୁ ଗୁରୁବାର ଦକ୍ଷିଣ ଓଡ଼ିଶାର କିଛି ଅଞ୍ଚଳରେ ପ୍ରବେଶ କରିଛି। ଏପରିସ୍ଥିତିରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ଜନିତ ଝଡ଼ବର୍ଷାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି ।ଆଗାମୀ ୨୪ ଘଂଟା ମଧ୍ୟରେ ତମାମ ରାଜ୍ୟର ୩୦ଟି ଜିଲ୍ଲାରେ କାଳବୈଶାଖୀ ଜନିତ ଝଡ଼ବର୍ଷାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସବୁ ଜିଲ୍ଲାଗୁଡିକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ ଆଭ୍ୟନ୍ତରୀଣ ଓଡିଶା, ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉପକୂଳ ଓଡିଶାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି ।ଆସନ୍ତା ୩ ଦିନ ମଧ୍ୟରେ ଓଡ଼ିଶାର ଅଧିକାଂଶ ଜିଲ୍ଲାଗୁଡ଼ିକର ଅନେକ ସ୍ଥାନରେ ସର୍ବାଧିକ ତାପମାତ୍ରାରେ ୩ରୁ ୪ ଡିଗ୍ରି ସେଲସିୟସ ପର୍ଯ୍ୟନ୍ତ ହ୍ରାସ ଘଟିବ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି।

## ପୃଥିବୀ-୨ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପାଇଁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୬(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୃଥିବୀ-୨ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ପୃଥିବୀ-୨ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ପାଇଁ ଡିଆରଡିଓକୁ ଶୁଭେଚ୍ଛା । ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଏହାର ସଫଳ ପରୀକ୍ଷଣ କରାଯାଇଛି ।

## ବାରବାଟୀ ପାସ୍ ବିବାଦ ସହ ଓସିଏର କୌଣସି ସମ୍ପର୍କ ନାହିଁ : ସିଇଓ

ଭୁବନେଶ୍ୱର, ୧୬।୬(ପି.ଏନ): ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ପାସ୍ ବିବାଦ ସହ ଓସିଏର କୌଣସି ସମ୍ପର୍କ ନାହିଁ ବୋଲି କହିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସ୍ (ଓସିଏ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସୁବ୍ରତ ବେହେରା। ସେ କହିଛନ୍ତି ଯେ, ପାସ୍ କେଳେଙ୍କାରୀ ସହ ଓସିଏର କୌଣସି ସମ୍ପର୍କ ନାହିଁ। ଓସିଏକୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ମ୍ୟାଚ ପରେ ନକଲି ପାସ ଭାଇରାଲ କରି ଓସିଏକୁ ବଦନାମ କରିବାକୁ ଚକ୍ରାନ୍ତ ହେଉଛି । ଘଟଣା ସହିତ ଓସିଏର କୌଣସି ସମ୍ପର୍କ ନାହିଁ। ଓସିଏ ଏଭଳି ପାସ କି ଟିକେଟ ପ୍ରସ୍ତୁତ କରିନାହିଁ। ନକଲି ପାସ କରିବା ଦ୍ୱାରା ଆମେ ବଦନାମ ହେଉଛୁ ବୋଲି କହିଛନ୍ତି ଓସିଏ ସିଇଓ । ପ୍ରତି ଗେଟ୍ ରେ ଟିକେଟ ଭାଲିଡେଟର ରହିଥିଲେ । ଦର୍ଶକଙ୍କ ପ୍ରବେଶ ସମୟରେ କୌଣସି ଟିକେଟ ନକଲି ଥିଲେ ସେମାନେ ସେଠାରେ ତାହା ଜଣାପଡିଯାଇଥାନ୍ତା। କାରଣ ଟିକେଟ୍? ପାଇଁ ସ୍କାନିଂ ବ୍ୟବସ୍ଥା ରହିଥିଲା ।ତେବେ ଦଳୀୟ କ୍ରିୟୁ ସଦସ୍ୟ କିପରି ଷ୍ଟାଡିୟମ ଭିତରକୁ ପ୍ରବେଶ କରିବା କଥାକୁ ମିଥ୍ୟା ବୋଲି କହିଛନ୍ତି। ବାଟବାଟୀରେ ମ୍ୟାଚ ନ କରେଇ ଦେବାକୁ ପୂର୍ବରୁ ଉଦ୍ୟମ ହୋଇଥିଲା। ମ୍ୟାଚ କିପରି ବନ୍ଦ ହେବ ସେ ନେଇ ବହୁ ଚେଷ୍ଟା ବି କରାଯାଇଥିଲା। ମ୍ୟାଚ ସୁରୁଖୁରୁରେ ସମ୍ପୂର୍ଣ୍ଣ ହୋଇଥିବା ନେଇ ଏବେ କିଛି ଲୋକ ଏପରି ମିଥ୍ୟା ଅଭିଯୋଗ ଆଣି ଓସିଏକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। ନିର୍ଦ୍ଦିଷ୍ଟ ଦଳ ନାଁ ଲେଖି ପାସକୁ ଭାଇରାଲ କରାଯାଉଛି । ଓସିଏ ପକ୍ଷରୁ କୌଣସି ଭୁଲ ନାହିଁ ବୋଲି କହିଛନ୍ତି ସିଇଓ। ଏ ଦିଗରେ ଏକ ଅନ୍ତରୀଣ ତଦନ୍ତ କରାଯିବ । ଯାହାର ନିଷ୍କର୍ଷ ଶୀଘ୍ର ଆସିବ ବୋଲି କହିଛନ୍ତି ଶ୍ରୀ ବେହେରା କହିଛନ୍ତି ।ସୂଚନାଯୋଗ୍ୟ ଯେ ଗତ ୧୨ ତାରିଖରେ ବାରବାଟୀରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୨ୟ ଟି-୨୦ ମ୍ୟାଚ ଖେଳାଯାଇଥିଲା ।

## ମନରେଗା ପୋଖରୀ ଖୋଳାରେ ଅନିୟମିତତା ଅଭିଯୋଗ

ଭଦ୍ରକ, ୧୬।୬(ପି.ଏନ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପ ।ୟତ ଗନ୍ଧର୍ବବିନ୍ଧାରେ ମନରେଗା କାର୍ଯ୍ୟରେ ଅନିୟମିତତା ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ୨୦୨୨-୨୩ ଆର୍ଥୀକ ବର୍ଷର ୫ଲକ୍ଷ ଟଙ୍କ ଅଟକଳରେ ଏହି ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ପରେ ପ୍ରତିବାଦ ଯୋଗୁଁ ତୃଟିପୂର୍ଣ୍ଣ ସୂଚନାଫଳକ ଲୋକଲୋଚନ ଆଢୁଆଳରେ ନିର୍ମାଣ କରାଯାଇଛି। ଅନୁମୋଦିତ "ଗନ୍ଧର୍ବବିନ୍ଧା ଆଦିବାସୀ ସାହିରେ ନୂତନ ପୋଖରୀ ଖୋଳା" ବଦଳରେ ସୂଚନାଫଳକରେ ତୃଟିପୂର୍ଣ୍ଣ ଭାବେ "ଗନ୍ଧର୍ବବିନ୍ଧା ଆଦିବାସୀ ସାହି ପୋଖରୀ ପୁନରୁଦ୍ଧାର" ବୋଲି ଉଲ୍ଲେଖ କରାଯାଇଛି। ଏହି ପୋଖରୀ ବାସ୍ତବରେ ପର୍ବତୀ ମୌଜାର ୪୩୦ ଖାତା ଅଧିନ ୨୩ନଂ ଖସଡାରେ ଥିବା ୫ଏକର ଗୋଚର ଜମିରେ ଏହି ପୋଖରୀ ଶ୍ରମିକ ପରିବର୍ତ୍ତେ ଜେସିବି ମେସିନ ସହାୟତାରେ ଖୋଳାଯାଉଛି। ହାଇଲେବୁଲ କେନାଲର ଅଣ୍ଡରପାସ ଜଳନିଷ୍କାସନ ପଥକୁ ଅବରୋଧ କରାଯାଇ ଏହି ପୋଖରୀ ଖୋଳା ଯାଉଥିବାରୁ ବର୍ଷାଦିନେ ବର୍ଷାଜଳ ନିଷ୍କାସନରେ ବାଧାସୃଷ୍ଟି ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ପୂର୍ବରୁ ଭିନ୍ନଏକ ପ୍ରକଳ୍ପ ପାଇଁ ସଂପୃକ୍ତ ସ୍ଥାନରୁ ମାଟି ଖୋଳାଯିବା ଦ୍ୱାରା ଖାଲୁଆ ହୋଇଯାଇଥିଲା। ଏହାର ସୁଯୋଗ ନେଇ ନାମମାତ୍ର ଖର୍ଚ୍ଚରେ ମନରେଗା ପ୍ରକଳ୍ପ କାର୍ଯ୍ୟକରାଯାଇ ଅର୍ଥ ଆତ୍ମସାତ କରାଯିବା ମସୁଧା ହୋଇଛି ବୋଲି ଦୁର୍ଗାପ୍ରସାଦ ମହାନ୍ତି, ଜଳଧର ଖୁଂଟିଆ, ସୁନନ୍ଦ ମଲ୍ଲିକ, ମନୋଜ ପ୍ରଧାନ, ଅଜୟ ଦାସ, ଅନନ୍ତ ରାୟ, ଶଙ୍କର୍ଷଣ ଦାସ, କୁଳମଣି ସାହୁ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି କାର୍ଯ୍ୟବନ୍ଧ ପାଇଁ ଦାବି କରିଥିବା ଜଣାଯାଇଛି।

## ଶ୍ରୀ ଅଲାରନାଥଙ୍କ ଅଣସର ବେଶ ଦର୍ଶନ

ପୁରୀ, ୧୬।୬(ପି.ଏନ): ପୁରୀ ଜିଲ୍ଲା ବ୍ରହ୍ମଗିରି ସ୍ଥିତ ଶ୍ରୀ ଅଲାରନାଥଙ୍କ ପୀଠରେ ଗତକାଲି ଠାରୁ ଶ୍ରୀ ଅଲାରନାଥଙ୍କ ଅଣସର ବେଶ ଦର୍ଶନ ଆରମ୍ଭ ହୋଇଛି । ଅଣସର ସମୟରେ ଭକ୍ତ ମାନେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଦର୍ଶନ ନପାଇ ବ୍ରହ୍ମଗିରିସ୍ଥିତ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରୁଛନ୍ତି । ବିଶ୍ୱାସ ରହିଛି, ବର୍ଷକ ଯାକ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କରିବାରେ ଭକ୍ତଙ୍କୁ ଯେତିକି ପୂର୍ଣ୍ଣ୍ୟ ଫଳ ମିଳିଥାଏ । ଅନ୍ନବସର ସମୟରେ ଗୋଟିଏ ଦିନ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କଲେ ସମାନ ପୂର୍ଣ୍ଣ୍ୟ ଫଳ ପ୍ରାପ୍ତ ହୋଇଥାଏ । ଅନ୍ନବସର ସମୟରେ ଶ୍ରୀ ଅଲାରନାଥଙ୍କ ପ୍ରତିଦିନ ବିଭିନ୍ନ ଅଣସର ବେଶ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଅଲାରନାଥଙ୍କ ପ୍ରିୟ ଭୋଗ ମଧ୍ୟରେ କ୍ଷିରୀ ଅନ୍ୟତମ । ସତ୍ୟ ଯୁଗରେ ବ୍ରହ୍ମା ଏହି ସ୍ଥାନରେ ଧ୍ୟାନ କରିଥିବାରୁ ଏହାର ନାମ ବ୍ରହ୍ମଗିରି ହୋଇଛି । ଦକ୍ଷିଣ ଭାରତୀୟ ଆଲବର ଭକ୍ତ ମାନେ ଏହି ସ୍ଥାନରେ ବିଷ୍ଣୁ ପୂଜା କରୁଥିବାରୁ ଶ୍ରୀ ଅଲାରନାଥଙ୍କ ନାମ ପୂର୍ବରୁ ଅଲବରନାଥ ରହିଥିବା କୁହାଯାଉଛି । ଶ୍ରୀ ଚୈତନ୍ୟ ଅଣସର ସମୟରେ ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ନପାଇ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରିବା ସହ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ଯାହାର ନିଦର୍ଶନ ସ୍ୱରୂପ ଏଠାରେ ଏହି ପ୍ରଣିପାତ ପଥର ଏବେ ପୂଜା ପାଉଛି । ଏହାସହ ଚୈତନ୍ୟ ମନ୍ଦିର ରହିଥିବାରୁ ଆନ୍ତର୍ଜାତିକ କୃଷ୍ଣପ୍ରେମୀ ମାନେ ଏହି ମନ୍ଦିରକୁ ଆସୁଥିବା ଦେଖାଯାଇଛି । ମନ୍ଦିର ଟ୍ରଷ୍ଟ ବୋର୍ଡ଼, ବ୍ରହ୍ମଗିରି ଥାନା ଓ ବ୍ଲକ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବ୍ୟାପକ ବ୍ୟାବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ନିମନ୍ତେ ପିଇବା ପାଣି, ଗାଡି ପାର୍କିଂ ଓ ଛାୟା ପାଇଁ ଛାମୁଣ୍ଡିଆ କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ଶ୍ରୀ ଅଲାରନାଥଙ୍କ ମନ୍ଦିର ଭିତରେ ଓ ବାହାରେ ସିସିଟିଭି ଲଗାଯାଇଛି । ଭକ୍ତଙ୍କ ସୁରକ୍ଷା ପାଇଁ ୬ ପ୍ଲାଟୁନ୍ ପୋଲିସ ଫୋର୍ସ, ୩ ଜଣ ଇନ୍ସପେକ୍ଟର, ୨୦ ଜଣ ପୋଲିସ ଅଧିକାରୀ, ୫୦ ଜଣ ହୋମଗାର୍ଡ଼, ୪ ଜଣ ଟ୍ରାଫିକ୍ ପୋଲିସ ମୁତୟନ ହୋଇଛନ୍ତି । ଆଜି ଦ୍ୱିତିୟ ଦିନରେ ଶ୍ରୀ ଅଲାରନାଥଙ୍କ ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହେବା ସହ ଦର୍ଶନ ଜାରୀ ରହିଛି। ଶ୍ରୀ ଅଲାରନାଥଙ୍କ ଏହି ଅଣସର ବେଶ ଦର୍ଶନ ନେତ୍ରୋତ୍ସବ ପର୍ଯ୍ୟନ୍ତ ଚାଲୁ ରହିବ ।

## ଧର୍ମେନ୍ଦ୍ରଙ୍କୁ ପ୍ରଶଂସାରେ ପୋତି ପକାଇଲେ ବିଜେଡି ସାଂସଦ ମହେଶ ସାହୁ





ଅନୁଗୋଳ,୧୬।୬(ପି.ଏନ): ଅନୁଗୋଳରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିଛି, ଏବେ ୬୫ କୋଟି ଟଙ୍କାରେ ଇଏସଆଇସି ଡାକ୍ତରଖାନା କରାଯାଇଛି। କେନ୍ଦ୍ରରୁ ଟଙ୍କା ଆଣି ଏ ଅଞ୍ଚଳର ଉନ୍ନତି ପାଇଁ ଲାଗି ପଡ଼ିଛନ୍ତି। ଏହି ମାଟି ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯାହା କରିଛନ୍ତି, ତାଙ୍କୁ ପ୍ରଶଂସା ନ କଲେ ମତେ ପାପ ଲାଗିବ। କେନ୍ଦ୍ରମନ୍ତ୍ରୀଙ୍କୁ ଏପରି ଖୋଲାଖୋଲି ଭାବେ ପ୍ରଶଂସା କରିଛନ୍ତି ଢେଙ୍କାନାଳ ବିଜେଡି ସାଂସଦ ମହେଶ ସାହୁ। କେବଳ ଏତିକି ନୁହେଁ, ପରୋକ୍ଷରେ ନିଜ ଦଳର ଦୁଇ ନେତାଙ୍କୁ ମଜାଳିଆ ଢଙ୍ଗରେ ସମାଲୋଚନା କରିବାକୁ ପଛାଇ ନାହାଁନ୍ତି ।ଅନୁଗୋଳ ଜିଲ୍ଲା ବଳରାମପ୍ରସାଦଠାରେ ବୁଧବାର ୧୦୦ ଶଯ୍ୟା ବିଶିଷ୍ଟ ଇଏସଆଇସି ହସ୍ପିଟାଲ୍ ଲୋକାର୍ପିତ ହୋଇଛି। ମେଡିକାଲ୍ ଉଦ୍‌ଘାଟନ ଉତ୍ସବରେ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କର ଭାଷଣ ଦେବା କାର୍ଯ୍ୟସୂଚୀରେ ନଥିଲା। କିନ୍ତୁ କେନ୍ଦ୍ରମନ୍ତ୍ରୀଙ୍କ ଅନୁରୋଧ କରି ସେ ଧନ୍ୟବାଦ ଭାଷଣ ଦେବା ପାଇଁ ଚାହିଁଥିଲେ। ଧନ୍ୟବାଦ ଦେବା ଅବସରରେ ମହେଶ ସାହୁ ତାଙ୍କ ଭାଷଣରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାମେଶ୍ୱର ତେଲିଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଏହି ଦୁଇ କେନ୍ଦ୍ରମନ୍ତ୍ରୀ ଏ ମାଟି ପାଇଁ ଯାହା କରିଛନ୍ତି, ତାକୁ କେହି କହୁ ନାହାନ୍ତି ବୋଲି କହିବା ସହ ତାଙ୍କ ପାଇଁ ଏଠି କ'ଣ କ'ଣ ବିକାଶ ହୋଇଛି ତା'ର ଲାମ୍ବା ଚିଠା ଦେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟରୁ କୋଟା ବ୍ୟବସ୍ଥା ଉଠାଇବା ଧର୍ମେନ୍ଦ୍ରଙ୍କ ଏକ ଐତିହାସିକ ନିଷ୍ପତ୍ତି। ସେଥିପାଇଁ ତାଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ ବୋଲି ଶ୍ରୀ ସାହୁ କହିଥିଲେ ।ସେ ଆହୁରି କହିଥିଲେ, ସାରା ଓଡିଶାର ଅର୍ଦ୍ଧାଧିକ ଲୋକ ତେଲ ଟିକିଏ ପକାଇବା ପାଇଁ ହଇରାଣ ହେଉଥିଲେ। ଢେଙ୍କାନାଳ ଜିଲ୍ଲା ସଦାଶିବପୁରଠାରେ ତେଲ ଡିପୋକୁ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭାରମ୍ଭ କରିଥିବା ବେଳେ ଧର୍ମପଦ ଭଳି ଏହାର ମୁଣ୍ଡି ମାରିଥିଲେ ମନ୍ତ୍ରୀ ରାମେଶ୍ୱର ତେଲି। ଯାହାଫଳରେ ଓଡିଶାବାସୀ ତେଲ ପାଇଁ ଆଉ ହଇରାଣ ହେଉନାହାନ୍ତି। ଏବେ ୬୫ କୋଟି ଟଙ୍କା ଖର୍ଚ୍ଚ କରି ଇଏସଆଇସି ଡାକ୍ତରଖାନା କରାଯାଇଛି। ଯେଉଁଥିରେ ରାଜ୍ୟ ସରକାରଙ୍କର ସହଯୋଗ ଥାଇପାରେ, କିନ୍ତୁ କେନ୍ଦ୍ର ସରକାର ଶତ ପ୍ରତିଶତ ନିଜସ୍ୱ ଖର୍ଚ୍ଚରେ ଏତେ ବଡ ଡାକ୍ତରଖାନା କରିଛନ୍ତି। ଜିଲ୍ଲାରେ ନୂଆ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯାଇଛି। ଏଥିରୁ ଜିଲ୍ଲାବାସୀ ଉପକୃତ ହେବେ ବୋଲି ମହେଶ କହିଥିଲେ ।ମହେଶଙ୍କ ଏମିତି ପ୍ରଶଂସା ଶୁଣି ଅନ୍ୟମାନେ ଚକିତ ହୋଇ ଯାଇଥିଲେ। ଏତିକିରେ ରହି ନ ଯାଇ ମହେଶ ସାହୁ ପରୋକ୍ଷରେ ନିଜ ଦଳର ଦୁଇ ନେତାଙ୍କୁ ସମାଲୋଚନା କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସଭାକୁ ଆସିନଥିବା ଉପ-ବାଚସ୍ପତି ରଜନୀକାନ୍ତ ସିଂହ ଓ ବିଜେଡି ଜିଲ୍ଲା ପରିଷଦ ସଭ୍ୟ ଗୋପାଳ ନାଏକ ଉଦ୍ଦେଶ୍ୟରେ କଟାକ୍ଷ କରି ସେ କହିଥିଲେ, ବୋଧ ହୁଏ କରୋନା ଆକ୍ରାନ୍ତ ହୋଇଥିବାରୁ ସେମାନେ ସଭାକୁ ଆସି ପାରି ନାହାନ୍ତି ।ମହେଶ ସାହୁଙ୍କ ଏପରି ବକ୍ତବ୍ୟ ପରେ ବିଭିନ୍ନ ମହଲରେ ଭିନ୍ନ ଭିନ ଆଲୋଚନା ହେଉଛି। ମହେଶ ବିଜେପି ଆଡକୁ ଯିବା ନେଇ ପୂର୍ବରୁ ଚର୍ଚ୍ଚା ହେଉଥିଲା। ମହେଶଙ୍କ ଭାଷଣ ଏହି ଚର୍ଚ୍ଚାକୁ ଅଧିକ ବଳ ଦେଇଛି ବୋଲି ଚର୍ଚ୍ଚା ହେଉଛି ।ଇଏସ୍‌ଆଇ ହସ୍ପିଟାଲ୍ ଲୋକାର୍ପଣ ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱର ତେଲି, ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ଢେଙ୍କାନାଳ ସାଂସଦ ମହେଶ ସାହୁ ଆଦି ଅତିଥିଭାବେ ଉପସ୍ଥିତ ଥିଲେ।

## ଗୁଳିବିଦ୍ଧ ଦନ୍ତାହାତୀର ମୃତ୍ୟୁ ଓ ହାତୀ କଙ୍କାଳ ମିଳିବା ଘଟଣା

### ତଦନ୍ତ ପାଇଁ ଗଠନ ହେଲା ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍

କଟକ, ୧୬।୬(ପି.ଏନ): କଟକ ଜିଲ୍ଲା ନରସିଂହପୁର ଜଙ୍ଗଲରେ ଗୁଳିବିଦ୍ଧ ଦନ୍ତାହାତୀ ମୃତ୍ୟୁ ଓ ଚନ୍ଦ୍ରଗିରି ଜଙ୍ଗଲରୁ ହାତୀ କଙ୍କାଳ ମିଳିବା ଘଟଣାର ତଦନ୍ତ ପାଇଁ ଗଠନ ହୋଇଛି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ । ଏହି ତିନି ଜଣିଆ ଉଚ୍ଚସ୍ତରିୟ ଟିମ୍ ଗଠନ କରିଛନ୍ତି ପିସିସିଏଫ। ଟିମ୍ ଦାୟୀତ୍ୱରେ ରହିବେ ସିସିଏଫ । ଏବଂ ଚେୟାରମ୍ୟାନ ରହିବେ ଆରସିସିଏଫ। ଏହି ତଦନ୍ତକାରୀ ଟିମ୍ ରେ ଜଣେ କଞ୍ଜରଭେଟର ସଦସ୍ୟ ଭାବେ ରହିବେ। ଏହା ବ୍ୟତୀତ ଟିମ୍ ରେ କ୍ରାଇମବ୍ରାଂଚର ଜଣେ ଡିଏସପି କିମ୍ବା ତଦୁର୍ଦ୍ଧ୍ୱ ର୍ୟାଙ୍କ୍ ର ଜଣେ ଅଧିକାରୀ ରହିବେ । ଏଠାରେ ଉଲ୍ଲେଖଯୋଗ୍ୟ, ବଡ଼ମ୍ବା ରେଞ୍ଜ୍ ଅନ୍ତର୍ଗତ ଚନ୍ଦ୍ରଗିରି ଜଙ୍ଗଲ ଜାନିପଦର ବିଟ୍ ହାଉସ୍ ଖାରୋଡ ଗାଁ ନିକଟରୁ ଗତକାଲି ଆଉ ଏକ ଦନ୍ତା ହାତୀର କଙ୍କାଳ ଠାବ ହୋଇଥିଲା। ପୂର୍ବରୁ ଦୁଇଟି ହାତୀ କଙ୍କାଳ ଉଦ୍ଧାର ଘଟଣାର ଖୋଳତାଡ଼ ବେଳେ ଏହି ତୃତୀୟ ହାତୀ କଙ୍କାଳ ମିଳିଥିବା କହିଥିଲେ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ। ତଦନ୍ତର ତଥ୍ୟ ଆଧାରରେ ଆଉ ଏକ କଙ୍କାଳ ମିଳିଥିବା ସେ କହିଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ, ଗତ ୧୧ ଦିନ ତଳେ ଚନ୍ଦ୍ରଗିରି ଜଙ୍ଗଲରୁ ଦୁଇଟି ହାତୀ କଙ୍କାଳ ଉଦ୍ଧାର ହୋଇଥିଲା । ସେହିପରି କଟକ ଜିଲ୍ଲା ନରସିଂହପୁର ଜଙ୍ଗଲରେ ଏକ ଗୁଳିବିଦ୍ଧ ଦନ୍ତାହାତୀ ଚିକିତ୍ସାଧିନ ଅବସ୍ଥାରେ ଗତ ୧୪ ତାରିଖରେ ପ୍ରାଣ ହରାଇଥିଲା ।

## ଜିଲ୍ଲାପାଳମାନଙ୍କୁ ସତର୍କ ରହିବାକୁ କୁହା ଯାଇଛି : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୬।୬(ପି.ଏନ): ରାଜ୍ୟରେ କରୋନା ସଂକ୍ରମଣ ସଂଖ୍ୟା ବଢୁଥିବା କାରଣରୁ ଜିଲ୍ଲାପାଳ ମାନଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ । କରୋନା ସଂଖ୍ୟା ବଢୁଥିବା ପ୍ରସଙ୍ଗ ଉପରେ ପ୍ରତିକ୍ରିୟା ଦେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି ଯେ ଗତ ୭ଦିନ ଭିତରେ ଦୁଇ ଅଙ୍କ ଭିତରେ ରହୁଛି । ଆଜି ସଂକ୍ରମଣ ସଂଖ୍ୟା ସାମାନ୍ୟ ବଢ଼ିଛି। ଦେଶର ବିଭିନ୍ନ ରାଜ୍ୟରେ ଯେଉଁଭଳି ସଂକ୍ରମଣ ବଢୁଛି। ତେଣୁ ତାକୁ ଦେଖି ଆମକୁ ସତର୍କତାମୂଳକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯେଉଁଭଳି ସର୍ଭିଲାନ୍ସ ଚାଲିବା କଥା ଚାଲିଛି। ଟେଷ୍ଟିଂ ଚାଲିଛି ତାକୁ ବଢ଼େଇବା ପାଇଁ କୁହାଯାଇଛି। ଲୋକମାନଙ୍କୁ ଆମେ ନିବେଦନ କରୁଛୁ ଯେଉଁମାନଙ୍କର ଲକ୍ଷଣ ଦେଖାଯାଉଛି, ସେମାନେ ତୁରନ୍ତ ପରୀକ୍ଷା କରାଇ ନେବାକୁ ସେ ଅପିଲ କରିଛନ୍ତି । ସେ ଲୋକ ମାନଙ୍କୁ କହିଛନ୍ତି ଯେ ଭିଡ଼କୁ ଯାଆନ୍ତୁ ନାହିଁ କି ଭିଡ଼ କରନ୍ତୁ ନାହିଁ। ମାସ୍କ ପିନ୍ଧନ୍ତୁ। ଲୋକମାନେ ସ୍ୱତଃପ୍ରବୃତ୍ତ ଭାବେ ଆଗକୁ ଆସି ଟେଷ୍ଟିଂ କରାଇ ନିଅନ୍ତୁ। ଅଳ୍ପ ବଢିଲେ ବି ତାକୁ ଅଣଦେଖା କରିବାନି ।ସତର୍କ ରହିବାକୁ ହେବ ।ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏ ଭିତରେ ଦୁଇ ତିନି ଥର ସମୀକ୍ଷା କରାଯିବା ସହ ଜିଲ୍ଲାପାଳମାନଙ୍କୁ ସଂକ୍ରମଣ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଂଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେଙ୍ଗିସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର । ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ଶିଳ୍ପବିହୀନ କେନ୍ଦ୍ରାପଡ଼ାର ଭବିଷ୍ୟତ !

**ସ**ମୁଦ୍ର, ନଦୀ, ନାଳ, ବନାନୀ ଘେରା ଚିର ଅବହେଳିତ କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ବିବିଧ ସମସ୍ୟାର ଗର୍ଭ ମଧ୍ୟରେ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଜୁଳି, ପାନୀୟଜଳ, ସଂଚାର, ଦାରିଦ୍ର୍ୟ, ବେକାରୀ ଆଦି ମୌଳିକ ସମସ୍ୟା ଉତ୍କଟ ରୂପ ଧାରଣ କରିଥିବା ବେଳେ ୧୯୯୯ର ପ୍ରଳୟଙ୍କରୀ ବାତ୍ୟା ଜିଲ୍ଲାର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଏପରିକି କେବିକେ ବ୍ୟତୀତ ଅନ୍ୟ ୨୨ଟି ଜିଲ୍ଲା ମଧ୍ୟରେ ଏହି ଜିଲ୍ଲା ଲୋକଙ୍କର ମୌଳିକ ସମସ୍ୟା ସବୁଠୁ ଆଗରେ ରହିଛି। ବଙ୍ଗୋପସାଗର କୂଳବର୍ତ୍ତୀ ଏହି ଜିଲ୍ଲାର ଭୌଗୋଳିକ ଆୟତନ ୨୬୪୪ ବର୍ଗ କିଲୋମିଟର ଓ ଏହାର ଉପକୂଳବର୍ତ୍ତୀ ସୀମା ୪୮୦ କିଲୋମିଟର। ଏହି ଜିଲ୍ଲାର ଲୋକସଂଖ୍ୟା ୧୪ ଲକ୍ଷରୁ ଅଧିକ। ଏହାର ଜଙ୍ଗଲ ପରିମାଣ ୧୯୯୩୯ ବର୍ଗ କିଲୋମିଟର ହୋଇଥିବା ବେଳେ ଚାଷ ଉପଯୋଗୀ ଜମି ପରିମାଣ ୧ଲକ୍ଷ ୮୨ ହଜାର ୧୮୪ହେକ୍ଟର ରହିଛି। ମୋଟ





୨୪୯ ଟି ଗ୍ରାମ ପଂଚାୟତ ଅନ୍ତର୍ଗତ ୧୫୫୨ ଟି ଗ୍ରାମ ରହିଛି ଏହି ଜିଲ୍ଲାରେ। ଗତ ମହାବାତ୍ୟାରେ କ୍ଷତିଗ୍ରସ୍ତ ତାଲିକାରେ ଥିବା କେନ୍ଦ୍ରାପଡ଼ା ଜିଲ୍ଲା ଧ୍ୱଂସ ସ୍ତୂପରେ ପରିଣତ ହୋଇଥିବା ଜଗତସିଂହପୁର ଜିଲ୍ଲାର ପଛକୁ ରହିଥିଲା। ଶିଳ୍ପବିହୀନ ଏହି ଜିଲ୍ଲା ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ସ୍ୱାଧୀନତା ପରଠାରୁ ସଂଘର୍ଷ କରିଆସୁଥିଲେ ହେଁ ସମୟ ଓ ପରିସ୍ଥିତି ଜିଲ୍ଲାବାସୀଙ୍କୁ ଭୋକ ଉପାସରେ ରହି ଜିଇଁବାକୁ ବାଧ୍ୟ କରିଚାଲିଛି।

ଏଠାରେ ଶିକ୍ଷିତ ବେକାରଙ୍କ ସଂଖ୍ୟା ବହୁ ଅଧିକ ଥିଲାବେଳେ ନିଯୁକ୍ତି ହାର ସବୁଠୁ କମ୍ ରହିଛି। ଦାରିଦ୍ର୍ୟ ଦୂରୀକରଣ ଯୋଜନା, ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍‌ସେବା, ସଂଚାର ସେବା, ଯୋଗାଯୋଗ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ଏଠାରେ ଥିବା ବିଶ୍ୱବିଖ୍ୟାତ କଇଁଛ ଓ କୁମ୍ଭୀର ପ୍ରଜନନ କେନ୍ଦ୍ର ତଥା ଭିତରକନିକା ପ୍ରାଣୀ ଅଭୟାରଣ୍ୟ ଓ ସାମୁଦ୍ରିକ ଅଭୟାରଣ୍ୟର ଆବଶ୍ୟକୀୟ ଉନ୍ନତି ହୋଇ ପାରୁନାହିଁ। ପ୍ରାକୃତିକ ଦୃଶ୍ୟ ରାଜିରେ ଭରା ଅଭୟାରଣ୍ୟ, କମନୀୟ ସମୁଦ୍ର ବେଳାଭୂମି ଓ ସମୁଦ୍ର ତଟରେ ଯେଉଁଭଳି ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଛି, ତା’ର ଉପଯୁକ୍ତ ଉପଯୋଗ ହେଲେ ଜିଲ୍ଲାର ଆର୍ଥିକ ପ୍ରଗତି ସମ୍ଭବ ହୋଇ ପାରନ୍ତା।

ଜିଲ୍ଲାରେ ସରକାରୀ ଉନ୍ନୟନ ଯୋଜନା କାର୍ଯ୍ୟକାରୀତା ଉପରେ ବ୍ୟାପକ ସମୀକ୍ଷା ହେଉନଥିବାରୁ ପ୍ରକୃତ ହିତାଧିକାରୀ ମାନେ ଉପକୃତ ହୋଇ ପାରୁ ନାହାଁନ୍ତି। ଯେଉଁଥିପାଇଁ ଜିଲ୍ଲାର ପ୍ରାୟ ୨ ଲକ୍ଷ ବେକାର ଶିକ୍ଷିତ ଯୁବକ/ଯୁବତୀ/ବ୍ୟକ୍ତି ଦେଶ ବିଦେଶର ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଛନ୍ତି। ୧୯୬୭ ଓ ୧୯୭୨ ସାମୁଦ୍ରିକ ମହାପ୍ଲାବନରେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇର ଅନେକ ଧନ-ଜୀବନ ନଷ୍ଟ ହୋଇଥିବା ବେଳେ ୧୯୮୨ ସାମୁଦ୍ରିକ ଜୁଆରରେ ଉପକୂଳବାସୀଙ୍କର ପ୍ରଭୂତ କ୍ଷୟକ୍ଷତି ହୋଇଥିଲା। ଉପକୂଳବାସୀଙ୍କର ସୁରକ୍ଷା ପାଇଁ ବିଜୁ ପଟ୍ଟନାୟକ ୧୯୭୨ ଏପ୍ରିଲ୍ ୪ରେ ଧାମରା ଠାରୁ ପାରାଦୀପ ପର୍ଯ୍ୟନ୍ତ ବରୁଣେଇ ଦେଇ ବିଶାଳ ପଥର ପନ୍ଥ ନିର୍ମାଣ କରାଇବାକୁ ଘୋଷଣା କରିଥିଲେ। ମାତ୍ର ଏଯାଏ ତାହା ସମ୍ଭବ ହୋଇପାରିନାହିଁ। ପ୍ରତି ମୁହୂର୍ତ୍ତରେ ଧ୍ୱଂସ ପାଇ ଚାଲିଛି ଉପକୂଳ ଝାଉଁଜଙ୍ଗଲ। ୧୯୮୦ ରେ ବରୁଣେଇ ନିକଟସ୍ଥ ଜଗରିଜୋର ଠାରେ ସରକାର ଓ ବିଶ୍ୱବ୍ୟାଙ୍କର ମିଳିତ ସହାୟତାରେ ବିଶାଳ ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ନଡ଼ିଆ ଚାଷ ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ମାତ୍ର ଅତି ଶୀଘ୍ର ଏହି ପ୍ରକଳ୍ପ ବିଫଳ ହୋଇଥିଲା। ପୁନଶ୍ଚ ୧୯୯୪ରେ ସେହି ସ୍ଥାନରେ ବିଶ୍ୱବ୍ୟାଙ୍କ୍ ସହାୟତାରେ ବାକି ଥିବା ହେନ୍ତାଳବଣ ଧ୍ୱଂସ କରାଯାଇ ଏକ ଚିଙ୍ଗୁଡ଼ି ପ୍ରକଳ୍ପ ଆରମ୍ଭ କରାଯାଇଥିଲା। ହେଲେ ଅଳ୍ପ କିଛି ବର୍ଷ ପରେ ଏହି ପ୍ରକଳ୍ପ ମଧ୍ୟ ବିଫଳ ହୋଇଥିଲା। ଆଜି ପର୍ଯ୍ୟନ୍ତ ଉକ୍ତ ଦୁଇଟି ପ୍ରକଳ୍ପର ବିଫଳତା ସଂପର୍କରେ କୌଣସି ସମୀକ୍ଷା ହୋଇନାହିଁ। ସଂପ୍ରତି ଜିଲ୍ଲାରେ ରାସ୍ତାଘାଟ ସମସ୍ୟା ଗମ୍ଭୀର ରହିଛି। ଆଜି ମଧ୍ୟ ବିଭିନ୍ନ ଗାଁ, ପଂଚାୟତ ଓ ବ୍ଲକ୍ ସଦର ମହକୁମା ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ରହିଛି। ବହୁ ରାସ୍ତା କିଛି ବର୍ଷ ତଳୁ ମରାମତି ହୋଇନାହିଁ। ୧୦ରୁ ଊର୍ଦ୍ଧ୍ୱ ନିର୍ମାଣାଧୀନ ନଦୀ ସେତୁ ଦୀର୍ଘ ବର୍ଷ ତଳୁ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଯେଉଁଥିପାଇଁ ହଜାର ହଜାର ଲୋକେ ନିଜ ବ୍ଲକ୍ ସଦର ମହକୁମାରେ ପହଂଚିବାରେ ନାନା ଅସୁବିଧାର ସନ୍ମୁଖୀନ ହେଉଛନ୍ତି।

ସମୁଦ୍ର ତଟବର୍ତ୍ତୀ ଗାଁଗୁଡ଼ିକର ଅବସ୍ଥା ଭାରି ସାଂଘାତିକ। ଇତିମଧ୍ୟରେ ଅନେକ ଗାଁ ସମୁଦ୍ର ଓ ନଦୀର ମହାପ୍ଲାବନରେ ମିଳେଇ ଯାଇଛି। ସାତଭାୟା ଅଂଚଳର ଅଧିକାଂଶ ଗ୍ରାମ ସମୁଦ୍ରର ମହାପ୍ଲାବନରେ ଲୀନ ହୋଇ ଯାଇଥିବା ବେଳେ ବାକି ଥିବା ଗାଁ ଗୁଡ଼ିକ କେଉଁ ମୁହୂର୍ତ୍ତରେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ, ତାହା ଭଗବାନଙ୍କୁ ଜଣା। ଲୁଣା ଘେରିବନ୍ଧ ଖୁବ୍ ଦୁର୍ବଳ ଥିବାରୁ ସମୁଦ୍ରରୁ ଲୁଣାପାଣି ଆସି ଭେଡ଼ା ଭିତରେ ପଶୁଛି ଓ ଅକାଳରେ ଫସଲ ହାନୀ ହେଉଛି। ସେହିପରି ବନ୍ୟା ଘେରିବନ୍ଧ ଅତି ଦୁର୍ବଳ ଯୋଗୁ ଲକ୍ଷ ଲକ୍ଷ ଲୋକେ ବନ୍ୟା ପୀଡ଼ିତ ହୋଇଥାନ୍ତି ଓ ବେଳେ ବେଳେ ସର୍ବସ୍ୱାନ୍ତ ବି ହୁଅନ୍ତି। ଜଳସେଚନ ବ୍ୟବସ୍ଥା ଜିଲ୍ଲାବାସୀଙ୍କ ପାଇଁ ଯେମିତି ସ୍ୱପ୍ନ ହୋଇଛି। କେତେକ ଅଂଚଳରେ ଅନେକ ବର୍ଷ ତଳେ କେନାଲ୍ ଖୋଳା କାମ ଆରମ୍ଭ ହୋଇ ଆଜି ମଧ୍ୟ ତାହା ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏପରିକି କେନାଲ୍ ପାଣି ଯୋଗାଇ ଦିଆ ନଯାଇ ମଧ୍ୟ ପ୍ରଜାଙ୍କ ଠାରୁ ଜଳକର ଆଦାୟ କରାଯାଉଥିବା ଅଭିଯୋଗ ହୋଇଥାଏ। ବେଣାକନ୍ଦା ଠାରୁ ତନ୍ତିଆପାଳ ପର୍ଯ୍ୟନ୍ତ ୧୩ କି.ମି. ଗୋବରୀ ନଦୀବନ୍ଧ ଯୋଜନା



କାର୍ଯ୍ୟକାରୀ ପାଇଁ ପ୍ରାୟ ୩୦ ବର୍ଷ ତଳେ ନିଷ୍ପତି ନିଆଯାଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ଏଯାଏ ଏହି ଲୋକହିତକର କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ରାଜନଗର, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକ୍‌ର କେତେକ ଅଂଚଳକୁ ମିଠା ଜଳ ଯୋଗାଇ ବର୍ଷ ତମାମ ଚାଷ କାର୍ଯ୍ୟକୁ ସହଜ କରା ଯାଇପାରନ୍ତା। ସେହିପରି ରାଜନୈତିକ ଓ ପ୍ରଶାସନିକ ଇଚ୍ଛା ଶକ୍ତି ଅଭାବରୁ ଅବହେଳିତ ବିଶ୍ୱବିଖ୍ୟାତ ଭିତରକନିକା ଜାତୀୟ ଉଦ୍ୟାନ, ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ହେନ୍ତାଳ ଜଙ୍ଗଲ, ଡ଼ାଙ୍ଗମାଳ କୁମ୍ଭୀର ପ୍ରଜନନ କେନ୍ଦ୍ର, ବତୀଘର, ବ୍ରିଟିସ୍ ବାଣିଜ୍ୟର କୋଠାଘର ହୁକିଟୋଲା ଓ ବରୁଣେଇ ଜଙ୍ଗଲ ଆଦିର ବିକାଶ ସ୍ୱପ୍ନ ହୋଇ ରହିଛି। ଏସବୁକୁ ଏଯାଏ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳି ପାରିନାହିଁ। କ୍ରମେ ଏହି ଜିଲ୍ଲା ଅବହେଳାର ଚରମ ସୀମାକୁ ଟପିଗଲାଣି। ଏଠାରେ ବହୁ ସୁଯୋଗ ରହିଥିଲେ ହେଁ ତାହାର ଉପଯୁକ୍ତ ଉପଯୋଗ ହୋଇ ପାରୁନାହିଁ। ପ୍ରଚୁର ମନୋରମ ପ୍ରାକୃତିକ ସଂପଦ, ମତ୍ସ୍ୟ ସଂପଦ, ବନ୍ୟପ୍ରାଣୀ ସଂପଦ, ପର୍ଯ୍ୟଟନ ସଂପଦ ଓ ବନ୍ଦର ସୁଯୋଗ ଭଳି ଅନେକ ଦୁର୍ଲଭ ସଂପଦ ଭରପୂର ହୋଇ ରହିଛି ଏହି ଜିଲ୍ଲାରେ। ସଂପ୍ରତି ଜିଲ୍ଲାରେ ଥିବା ପ୍ରଚୁର ପର୍ଯ୍ୟଟନ ଶିଳ୍ପର ସୁଯୋଗକୁ ଉପଯୋଗର ଆବଶ୍ୟକତା ରହିଛି। ମାତ୍ର ଏଥିପ୍ରତି କେହି ଦୃଷ୍ଟି ଦେଉ ନାହାଁନ୍ତି। ଏସବୁର ଉପଯୁକ୍ତ ଉପଯୋଗ ହେଲେ, ଜିଲ୍ଲାର ଆର୍ଥିକ ବିକାଶ ହେବା ସହ ଓଡ଼ିଶା ସରକାର ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ପାଇ ପାରନ୍ତେ।

ତେବେ କେନ୍ଦ୍ରାପଡ଼ା ଜିଲ୍ଲାର ଅର୍ଥନୈତିକ ପ୍ରଗତିର ଚାବିକାଠି କେଉଁଠି ରହିଛି, ସେ ସଂପର୍କରେ ବ୍ୟାପକ ସମୀକ୍ଷାର ଆବଶ୍ୟକତା ରହିଛି। ବିଶେଷ କରି କେନ୍ଦ୍ରାପଡ଼ାର ଭାଗ୍ୟ ଓ ଭବିଷ୍ୟତ ସାଂସଦ ଓ ବିଧାୟକମାନଙ୍କ ଇଚ୍ଛା ଶକ୍ତି ଉପରେ ନିର୍ଭର କରୁଛି। ଦୁର୍ଭାଗ୍ୟବଶତଃ କିଛିବର୍ଷ ତଳୁ କେନ୍ଦ୍ରାପଡ଼ା ଜିଲ୍ଲା ମନ୍ତ୍ରୀଶୂନ୍ୟ ହୋଇ ରହିଥିଲା। ମାତ୍ର ଏଇ ନିକଟରେ ନୂଆ ମନ୍ତ୍ରୀମଣ୍ଡଳ ଗଠନ ବେଳେ କେନ୍ଦ୍ରାପଡ଼ା ଦୁଇଜଣ ବରିଷ୍ଠ ମନ୍ତ୍ରୀଙ୍କୁ ପାଇଛି। ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ଶକ୍ତି, ଅତିକ୍ଷୁଦ୍ର, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ମିଳିଥିବାବେଳେ ମନ୍ତ୍ରୀ ଅତନୁ ଶବ୍ୟଶାଚୀ ନାୟକଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲାଣ, ସମବାୟ ବିଭାଗ ମନ୍ତ୍ରୀ ଭାବେ ନିଯୁକ୍ତି ମିଳିଛି।

ପୂର୍ବରୁ ଅତନୁ ଶବ୍ୟଶାଚୀ ଏବଂ ପ୍ରତାପ ଦେବ ବିଭିନ୍ନ ବିଭାଗରେ ମନ୍ତ୍ରୀ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ। ତେବେ ଏହି ଦୁଇ ପ୍ରବୀଣ ମନ୍ତ୍ରୀ କେନ୍ଦ୍ରାପଡ଼ାର ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରି ଚାଲିବେ ବୋଲି ବିଭିନ୍ନ ମହଲରେ ଆଶା କରାଯାଉଛି।

**ଶରତ କୁମାର ରାଉତ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,*
*ମୋ-୯୩୩୭୩୬୯୪୪୮*

# ମା’ ଭଗବତୀଙ୍କ ପୀଠ ଉତ୍ସବମୁଖର
# ରଜ ଉତ୍ସବର ଦ୍ୱିତୀୟ ଦିବସ




କୋଣାର୍କ (ପିଏନ୍)-ଆଧୁନୀକ ଚାକଚକ୍ୟତାର ପ୍ରଭାବରେ ଏବେ ଗ୍ରାମାଞ୍ଚଳମାନଙ୍କରେ ଓଡ଼ିଶାର ପ୍ରାଚୀନ ସଂସ୍କୃତିର ସ୍ମୃତି ବହନ କରୁଥିବା ରଜପର୍ବ ସ୍ୱତନ୍ତ୍ରତା ହରାଇଥିବା ବେଳେ ଗତ ୨୨ ବର୍ଷ ଧରି କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଅର୍କଶ୍ରୀ ପକ୍ଷରୁ ଆୟୋଜିତ ହୋଇଆସୁଛି ରଜ ଉତ୍ସବ । କୋଣାର୍କ ସ୍ଥିତ ମା’ ଭଗବତୀଙ୍କ ପୀଠରେ ଅର୍କଶ୍ରୀ ପକ୍ଷରୁ ଆୟୋଜିତ ଚାରିଦିନ ରଜ ଉତ୍ସବ ମହାସମାରୋହରେ ପାଳିତ ହେଉଛି । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ମା’ ଭଗବତୀଙ୍କ ପୀଠରେ ଥିବା ବିଶାଳକାୟ ବଟବୃକ୍ଷର ଶାଖା ପ୍ରଶାଖାରେ ଝୁଲୁଛି ଶତାଧିକ ଦୋଳି । ଉତ୍ସବ ସ୍ଥଳିରେ ସମବେତ ଆବାଳବୃଦ୍ଧବନିତା ଝୁଲୁଛନ୍ତି ରଜଦୋଳିରେ । ମହିଳା ଓ ଯୁବତୀମାନେ ପରସ୍ପରକୁ ଅଳତା ଲଗାଇ ରଜସଜବାଜ ମଧ ହେଉଛନ୍ତି । ଉତ୍ସବସ୍ଥଳୀରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା, ମୁଢ଼ି ଓ ରଜପାନର ଷ୍ଟଲମାନ ଖୋଲାଯାଇଛି । ସଙ୍କ୍ରାନ୍ତି ଅବସରରେ ବିଭିନ୍ନ ପ୍ରକାର ପାରମ୍ପରିକ ପ୍ରତିଯୋଗୀତା ହୁଳହୁଳି, କାନ୍ଦଣା, ଝୋଟି, ତାସ, ଲୁଡୁ, ମେହେନ୍ଦି, ପୁଚି, ନଡ଼ିଆ ଲଢ଼େଇ ଆୟୋଜିତ ହୋଇ ଉତ୍ସବସ୍ଥଳୀକୁ ରଜମୌଜରେ ଉଲ୍ଲସିତ କରିଥିଲା । ଏହି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ରାଜ୍ୟ ଓ ରାଜ୍ୟ ବାହାରର କୋଣ ଅନୁକୋଣରୁ ଆସିଥିବା ପର୍ଯ୍ୟଟକମାନେ ବି ନିଜକୁ ହଜାଇ ଦେଇଥିଲେ ଏହି ରଜ ଉତ୍ସବରେ । ରଜ ସଂକ୍ରାନ୍ତିର ଦ୍ୱିତୀୟ ଦିବସର ସନ୍ଧ୍ୟାରେ ଅର୍କଶ୍ରୀର ସମ୍ପାଦକ ଉମେଶ ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଗଣଶିକ୍ଷାମନ୍ତ୍ରୀ ସମୀରରଞ୍ଜନ ଦାଶ, ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଶିକ୍ଷାବିତ ଚିତ୍ତରଞ୍ଜନ ପରିଡା, ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ରେଡିଓ ନମସ୍କାରର ଅଧକ୍ଷ ଏନ.ଏ. ଶାହା ଅନଶାରୀଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଯୋଗଦେଇ ଆମ ଓଡିଶାର ପରମ୍ପରା ଓ ସଂସ୍କୃତି ଲୋକଙ୍କ ମଧରେ ଏକତାର ସୂତ୍ରରେ ବାନ୍ଧିରଖିବା ସହ ଭାଇଚାରା ସୃଷ୍ଟି କରିଥାଏ ବୋଲି ଅତିଥିମାନେ ମତପୋଷଣ କରିଥିଲେ । ଉତ୍ସବ ସ୍ଥଳରେ ଥିବା ଏକ ସ୍ୱତନ୍ତ୍ର ସ୍ଥାୟୀ ମଞ୍ଚରେ ଦିନ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଭଜନ, ରଜଗୀତ, କାନ୍ଦଣା, ହୁଳହୁଳୀ, ଘୋଡା ନାଚ, ଓଡ଼ିଶୀ ନୃତ୍ୟ, ମ୍ୟାଜିକ ଶୋ ସମେତ ବିଭିନ୍ନ ପ୍ରକାର ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଉତ୍ସବକୁ ଦିଗୁଣିତ କରିଥିଲା । ରଜ ଉତ୍ସବର ତୃତୀୟ ଦିବସକୁ ଭୂମିଦହନ ଦିବସ ଭାବେ ପାଳନ କରାଯାଉଥିବାବେଳେ ଚତୁର୍ଥ ଦିବସରେ ବସୁମତୀ ଗାଧୁଆ ପର୍ବ ଭାବରେ ପାଳନ କରାଯିବାର କାର୍ଯ୍ୟକ୍ରମ ରହିଛି । ରଜଉତ୍ସବକୁ ଶିକ୍ଷକ ପ୍ରତାପ ରାଉତ ଓ ଗନ୍ଧର୍ବ ସେନାପତି ସଞ୍ଚାଳନ କରୁଥିବା ବେଳେ ସୁରେଶଚନ୍ଦ୍ର ସ୍ୱାଇଁଙ୍କ ସମେତ ଅର୍କଶ୍ରୀର ସମସ୍ତ ସଭ୍ୟସଭ୍ୟା ରଜଉତ୍ସବକୁ ପରିଚାଳନା କରୁଛନ୍ତି ।





# କବିତା, ନୃତ୍ୟ, ଗୀତ, ପୋଡପିଠା ଓ ରଜପାନ ମଧ୍ୟରେ ସଂଭାବନାର ‘ରଜ ମଉଜ’ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍)-ବନସ୍ତେ ଡାକିଲା ଗଜ ବରଷକେ ଥରେ ଆସିଛି ରଜ, ଭଳି ରଜଗୀତର ମୂର୍ଚ୍ଛନା ମଧ୍ୟରେ ସଭିଏଁ ହୋଇ ଉଠୁଥିଲେ ଉତ୍ସବମୁଖର। ଅବସର ଥିଲା ଓଡ଼ିଶାର ପ୍ରମୁଖ ଓ ଆଦିପର୍ବ ରଜ ଉତ୍ସବ ଉପଲକ୍ଷେ ପହିଲି ରଜ ସଂଧ୍ୟାରେ ସଂଭାବନା ଓଡ଼ିଆଣୀ ସମିତି ପକ୍ଷରୁ ଜୟଦେବ ଭବନଠାରେ ଓଡ଼ିଆଣୀମାନଙ୍କୁ ନେଇ ଅନୁଷ୍ଠିତ ‘ରଜ ମଉଜ’। ଏହି ଉତ୍ସବରେ ଓଡ଼ିଆଣୀମାନେ ପାଠ କରୁଥିଲେ ସ୍ୱରଚିତ କବିତା। ଗାନ କରୁଥିଲେ ସଂଗୀତ ଓ ସଂଗୀତର ତାଳେ ତାଳେ ପରିବେଷଣ କରୁଥିଲେ ନୃତ୍ୟ। ମାତ୍ର ସମସ୍ତ ଥିଲା ଓଡ଼ିଆ ସଂସ୍କୃତି ଓ ପରମ୍ପରା ଆଧାରିତ। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପରିଚାଳନାରେ ପୋଡ଼ପିଠା ଓ ରଜପାନର ପ୍ରଦର୍ଶନ ତଥା ଦର୍ଶକମାନଙ୍କୁ ପରିବେଷଣ ସହ କବିତା ପାଠୋତ୍ସବ, ସଂଗୀତ ଗାନ ଓ ନୃତ୍ୟ ଆଦିରେ ଉପସ୍ଥିତ ଓଡ଼ିଆଣୀମାନେ ଭାଗ ନେଇ ଚମକୃତ କରୁଥିଲେ ଉପସ୍ଥିତ ସଂସ୍କୃତିପ୍ରେମୀ ଓଡ଼ିଆମାନଙ୍କୁ। କାର୍ଯ୍ୟକ୍ରମରେ ପ୍ରମୁଖ ଅତିଥି ଭାବେ ମାନନୀୟା ସାଂସଦ ଶ୍ରୀମତୀ ସୁଲତା ଦେଓ, ପ୍ରାକ୍ତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବିଶିଷ୍ଟ ସଂଗୀତଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ, ପରିଚୟ ଫାଉଣ୍ଡେସନର ମୁଖ୍ୟ ତଥା ସମାଜସେବୀ ରୋଜାଲିନ୍ ପାଟ୍ଟଶାଣୀ ମିଶ୍ର, ସଂଭାବନାର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ର, ୨୦୨୧ର ଶ୍ରେଷ୍ଠ ଓଡ଼ିଆଣୀ ଶ୍ରୀମତୀ ରଶ୍ମି ସାହୁ, ୨୦୨୨ର ଶ୍ରେଷ୍ଠ ଓଡ଼ିଆଣୀ ଶ୍ରୀମତୀ ବେବିରାଣୀ ଦାସ, ସଂଭାବନାର ସଂପାଦକ ଦେବପ୍ରସାଦ ପରିଜା, ଓଡ଼ିଆଣୀ ସମିତିର ସଂଯୋଜିକା ସୌଦାମିନୀ ସାମଲ ଆଦି ମଞ୍ଚରେ ଉପସ୍ଥିତ ଥିଲେ। ଏହାସହିତ ସଂଗୀତ ଶିଳ୍ପୀ ସିଦ୍ଧାନ୍ତ ଶତପଥି, ଅର୍ଣ୍ଣବ ପଣ୍ଡା ଓ ଛନ୍ଦା ମିଶ୍ର ଆଦି ପଲ୍ଲିଗୀତ ଓ ଅନ୍ୟ ମନଛୁଆଁ ଓଡ଼ିଆ ସଂଗୀତ ପରିବେଷଣ କରିଥିଲେ। ଯାହାକି ଖୁବ୍ ଭାବବିହ୍ୱଳ କରିଥିଲା ଦର୍ଶକମାନଙ୍କୁ। ଏହି ସଂଧ୍ୟାରେ ପରିବେଷିତ ସଂଗୀତଗୁଡିକ, ବନସ୍ତେ ଡାକିଲା ଗଜ, ଫୁର୍ କିନା ଉଡ଼ିଗଲା ବଣି, ମୋର ମନ ଉଡି ଯାଏ ରେ, କି ସୁନ୍ଦର ଆହା, ଏ ଝିଅଟିର ପାଦ ଟଳମଳ, ଆ ବଉଳ ବୋହୁବୋହୁକା, ମୋ କୋଳ ତୋ ଝୁଲଣା, ବଉଲୋ କି କହିବି, ଅଦିନେ ମଲ୍ଲୀ ମହକ, ରସରକେଲି ଗୋ, ତୁ ପରା ବୋଲାଉ ଉତ୍କଳ ସନ୍ତାନ, କାତ ଧରି ଧୀରେ ନାଉରୀ ଆଦି ବେଶ୍ ଛୁଇଁଥିଲା ଦର୍ଶକଙ୍କ ମନକୁ। ସ୍ମୃତି ମହାନ୍ତିଙ୍କ ଉପସ୍ଥାପନାରେ ଅନୁଷ୍ଠିତ ସଂଗୀତ ପରିବେଷଣରେ ଓଡ଼ିଆଣୀମାନଙ୍କ ମଧ୍ୟରେ ଥିଲେ ସୌଦାମିନୀ ସାମଲ, ରାଜଶ୍ରୀ ଶତ୍‌ପଥି, ବନଜା ମହାପାତ୍ର, ଗୀତା ପଟ୍ଟନାୟକ, ବେବିରାଣୀ ଦାସ, ସୌଭାଗ୍ୟଲକ୍ଷ୍ମୀ ମହାନ୍ତି, ମଧୁସ୍ମିତା ପଟ୍ଟନାୟକ, ସୌଦାମିନୀ ମହାନ୍ତି, ମମତା ଦାସ, ବେବିରାଣୀ ସାହୁ, ରୀତାରାଣୀ କୁଣ୍ଡୁ, ବିଦ୍ୟୁତପ୍ରଭା ନନ୍ଦ, ରଂଜରୀ ସାମନ୍ତରାୟ, ରେଖା ସାହୁ, ପଦ୍ମାଳୟା ଶତ୍‌ପଥି, ସଂଧ୍ୟା ରଥ, ପ୍ରଣତି ପାଇକରାୟ, ଜ୍ୟୋତ୍ସ୍ନା ମିଶ୍ର, ସୁପ୍ରିୟା ମହାନ୍ତି, ସଂଯୁକ୍ତା ସ୍ୱାଇଁ, ମଧୁସ୍ମିତା ଶା, ବିଷ୍ଣୁପ୍ରିୟା ମିଶ୍ର ଓ ବିଜୟଲକ୍ଷ୍ମୀ ପତି। ପାର୍ବତୀ ମହାନ୍ତି, ମାନସୀ ରାଉତରାୟ, ଅରୁନ୍ଧତୀ ମିଶ୍ର ଓ ରୀନା ମିଶ୍ର ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ସଭ୍ୟ ସତ୍ୟବ୍ରତ ମହାପାତ୍ର, ପ୍ରଫୁଲ୍ଲ ଦେ, ଗୁରୁପ୍ରସାଦ ଦାସ, ଅଭିରାମ ସାହୁ।

# କୋଣାର୍କ ଯାତ୍ରୀନିବାସରେ ରଜ ପାଇଁ ପିଠାଷ୍ଟଲ



କୋଣାର୍କ (ପିଏନ୍)-ପାଶ୍ଚାତ୍ୟ ସଂସ୍କୃତିର ଚାକଚକ୍ୟତା ପ୍ରଭାବରେ ଏବେ ଗ୍ରାମାଞ୍ଚଳମାନଙ୍କରେ ଓଡ଼ିଶାର ପ୍ରାଚୀନ ସଂସ୍କୃତିର ସ୍ମୃତି ବହନ କରୁଥିବା ଗଣପର୍ବ ରଜ ଉତ୍ସବ ତାର ସ୍ୱତନ୍ତ୍ରତା ହରାଉଥିବା ବେଳେ କୋଣାର୍କର ଯାତ୍ରୀନିବାସରେ ରଜ ଉପଲକ୍ଷେ ଓଡିଶାର ପାରମ୍ପରିକ ପିଠା ଓ ସୁସ୍ୱାଦୁ ଖାଦ୍ୟର ଷ୍ଟଲ ଖୋଲିଛି । କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷା, ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ ଚନ୍ଦ୍ର ରାଉତରାୟ, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ଯାତ୍ରୀନିବାସ ପରିଚାଳକ ବାପି ସାହୁ ଓ ଯାତ୍ରୀନିବାସର ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ରଜପିଠାର ଷ୍ଟଲ ଶୁଭାରମ୍ଭ ହୋଇଛି । ଓଡିଶାର ଏହି ପ୍ରସିଦ୍ଧ ଗଣପର୍ବ ରଜ ଉତ୍ସବ



ଅବସରରେ ଯାତ୍ରିନିବାସ ପରିସରରେ ରଜଦୋଳିର ବ୍ୟବସ୍ଥା ମଧ କରାଯାଇଛି । ଯାତ୍ରୀନିବାସକୁ ଆସୁଥିବା ଦେଶବିଦେଶର ପର୍ଯ୍ୟଟକମାନଙ୍କୁ ଓଡିଶାର ପାରମ୍ପରିକ ପିଠାରେ ଆପ୍ୟାୟିତ କରିବା ପାଇଁ ପର୍ଯ୍ୟଟନ ବିଭାଗର ଏହା ଏକ ସୁନ୍ଦର ପ୍ରୟାସ । ପରବରାଣୀ ରଜ ଉତ୍ସବ ସମୟରେ ଓଡିଶାର ଘରେ ଘରେ ହେଉଥିବା ବିଭିନ୍ନ ପ୍ରକାର ପିଠାସହ ତାଳ ଦେଇ ଯାତ୍ରୀନିବାସର କର୍ମଚାରୀମାନେ ପ୍ରସ୍ତୁତ କରିଛନ୍ତି କାକରା, ପୋଡପିଠା, ଚକୁଳି, ମଣ୍ଡାପିଠା, ପୁରପିଠା, ଦହିବରା, ଗଜା, ଆରିଶା ଓ ଘୁଗୁନି ଇତ୍ୟାଦି ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ସମ୍ଭାର ଲାଗିଛି । ଏହି ସୁସ୍ୱାଦୁ ପିଠାକୁ ଖାଇବା ପାଇଁ ପର୍ଯ୍ୟଟମାନଙ୍କ ମଧ୍ୟରେ ବେଶ ଆଗ୍ରହ ପ୍ରକାଶ ପାଉଥିବା ଦେଖିବାକୁ ମିଳିଥିଲା । ଏହି ଷ୍ଟଲ ୧୭ ତାରିଖ ପର୍ଯ୍ୟନ୍ତ ଚାଲୁରହିବ ବୋଲି ଯାତ୍ରୀନିବାସ ପକ୍ଷରୁ ସୂଚନା ଦିଆଯାଇଛି ।

# ବେଣାଜୋରୀ ବଟ ମହାପୁରୁଷ ପରିସରରେ ବିଶ୍ୱଶାନ୍ତି ମହାଯଜ୍ଞ ସମାପିତ

କେନ୍ଦ୍ରାପଡ଼ା (ପିଏନ୍): ମାଳିକା ବର୍ଣ୍ଣିତ ଶ୍ରୀ ଶ୍ରୀ ବେଣାଜୋରୀ ବଟ ମହାପୁରୁଷ ପରିସରରେ ସପ୍ତଦଶତମ ଅଖଣ୍ଡ ବିଶ୍ୱଶାନ୍ତି ମହାଯଜ୍ଞ ବୈଦିକ ରୀତିନୀତି ଅନୁଯାୟୀ ମହାଆଡମ୍ବରରେ ସମାପିତ ହୋଇଯାଇଛି। କୋଭିଡ କଟକଣା ଯୋଗୁଁ ଦୁଇବର୍ଷ ଧରି ଏହି କାର୍ଯ୍ୟକ୍ରମରେ ଭକ୍ତ ଓ ଭଗବାନଙ୍କ



ମିଳନ ସମ୍ଭବ ହୋଇପାରିନଥିଲା। ଚଳିତ ଯଜ୍ଞରେ ବଟ ମହାପୁରୁଷଙ୍କ ପରିସରରେ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଯୋଗଦାନ ଭକ୍ତି ଓ ଭାବନାର ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା। ଏଭଳି ସଂଖ୍ୟାରେ ଭକ୍ତଙ୍କ ଆଗମନ ବଟ ମହାପୁରୁଷଙ୍କ ପରିସରକୁ ଉତ୍ସବମୁଖର କରି ଦେଇଥିଲା। ଏହି କାର୍ଯ୍ୟକ୍ରମକୁ ବେଣାଜୋରୀ ବଟ ସେବା ପରିଷଦର ସଭାପତି ରଞ୍ଜନ କୁମାର ମହାନ୍ତିଙ୍କ ସମେତ ସମ୍ପାଦକ ଓ କର୍ମକର୍ତ୍ତାମାନେ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ବଟବାବା କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଆନନ୍ଦ ବଜାରରେ ଅନୁଷ୍ଠିତ ପ୍ରସାଦ ସେବନ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଶିକ୍ଷକ ନେତା ଦିବାକର ଜେନାଙ୍କୁ ଅଶ୍ରୁଳ ବିଦାୟ




କେନ୍ଦ୍ରାପଡ଼ା (ପିଏନ୍): ବିଶିଷ୍ଟ ଶିକ୍ଷକ ନେତା ଦିବାକର ଜେନାଙ୍କର ୭୫ବର୍ଷ ବୟସରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡ଼ାସ୍ଥିତ ବାସଭବନରେ ଗତ ସୋମବାର ବିଳମ୍ବିତ ରାତିରେ ଦେହାନ୍ତ ହୋଇଯାଇଛି। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତଃ ଜେନା ସ୍ଥାନୀୟ ବଗଡା ହାଇସ୍କୁଲରୁ ଶିକ୍ଷକତା ଜୀବନ ଆରମ୍ଭ କରି ପରବର୍ତ୍ତୀ ସମୟରେ ଭରତପୁର ପଞ୍ଚାୟତର ମେହେନ୍ଦିପୁରସ୍ଥିତ ଲାଲ ବାହାଦୂର ଉଚ୍ଚ ଶିକ୍ଷାଶ୍ରମର ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ଜଣେ ଛାତ୍ରବତ୍ସଳ ଓ ସୁନାମଧନ୍ୟ ଶିକ୍ଷକ ଭାବେ ପରିଚିତି ହାସଲ କରିଥିବା ସ୍ୱର୍ଗତଃ ଜେନା ଶିକ୍ଷକ ଆନ୍ଦୋଳନର ନେତୃତ୍ୱ ନେଇ ଜିଲ୍ଲା ଓସ୍ଟାର ସମ୍ପାଦକ ଭାବେ ବହୁବର୍ଷ ଧରି ଦାୟିତ୍ୱ ବହନ କରିଥିଲେ। ଶିକ୍ଷକତା ସହିତ ଜିଲ୍ଲାରେ କ୍ରୀଡା, ଶିକ୍ଷା ବିକାଶ ଓ ସାମାଜିକ ଆନ୍ଦୋଳନର ନେତୃତ୍ୱ ନେଇ ସେ ବହୁବିଧ କାର୍ଯ୍ୟ ସମ୍ପାଦନ କରିଥିଲେ। ସ୍ୱର୍ଗତଃ ଜେନାଙ୍କ ବହୁମୁଖୀ ପ୍ରତିଭାକୁ ସମ୍ମାନସ୍ୱରୂପ ବହୁ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧନା ପ୍ରାପ୍ତ ହୋଇଛନ୍ତି। ତାଙ୍କର ଶେଷଦର୍ଶନ ପାଇଁ ତାଙ୍କ ବାସଭବନ ସମ୍ମୁଖ ରାସ୍ତାଟି ଲୋକାରଣ୍ୟ ହୋଇଯାଇଥିଲା। ବିଶିଷ୍ଟ ସମାଜସେବୀ ଭଜକୃଷ୍ଣ ରାଉତ, ଅଧାପକ ଅଜୟ ସାମଲ, ବ୍ରଜକିଶୋର ବିଶ୍ୱାଳ, ପୂର୍ବତନ ବିଜେଡି ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଡଃ. ବାସୁଦେବ ଦାସ, ଆଦିକନ୍ଦ ରାଉଳ, ରମଣୀରଞ୍ଜନ ରାଉତରାୟ, ତ୍ରୈଲୋକ୍ୟ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ସ୍ଥାନୀୟ ସରପଞ୍ଚ ସୁବନୀ ସାହୁ, ଶୁଭାଂଶୁ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ମରଶରୀରରେ ମାଲ୍ୟାର୍ପଣ କରି ଶେଷଦର୍ଶନ କରିଥିଲେ। ଏହାପରେ ମରଶରୀରକୁ ଗ୍ରାମ ପରିକ୍ରମା କରି ମେହେନ୍ଦିପୁରସ୍ଥିତ ତାଙ୍କ କର୍ମକ୍ଷେତ୍ର ଥିବା ଉଚ୍ଚବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ଲାଲ ବାହାଦୂର ନୋଡାଲ ଉଚ୍ଚ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦାସ, ଭରତପୁର ସରପଞ୍ଚ ନିଳାମ୍ବର ମଲିକ, ପ୍ରତାପ ଚନ୍ଦ୍ର ବିଶ୍ୱାଳ, ଅକ୍ଷୟ କୁମାର ମନ୍ତ୍ରୀ, ପୂର୍ବତନ ସରପଞ୍ଚ ଜୀନତ ପ୍ରିୟଦର୍ଶିନୀ ରାଉତ, ଶ୍ରୀଧର ଭୋଳ, ଶାରଦା ପ୍ରସନ୍ନ ରାଉତ, ବିଜୟ କୁମାର ଦାସ ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ତାଙ୍କ ଶେଷଦର୍ଶନକରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ଇଂ. ସ୍ମୃତିରଞ୍ଜନ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତଃ ଜେନାଙ୍କ ବିୟୋଗରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ପ୍ରାକ୍ତନ ଶିକ୍ଷାଧିକାରୀ କାଶିନାଥ ରାଉତରାୟ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ବ୍ୟାସକବିଙ୍କ ଶ୍ରାଦ୍ଧ ଦିବସ ପାଳିତ




ଭୁବନେଶ୍ୱର (ପିଏନ୍): ସଂକ୍ରାନ୍ତି ପୁରୁଷ, ଓଡିଆ ଭାଷା ସାହିତ୍ୟର ତ୍ରାଣକର୍ତ୍ତା, ଭାଷା ଆନ୍ଦୋଳନର ପ୍ରମୁଖ ସେନାପତି ଓ ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି କଥାସମ୍ରାଟ ବ୍ୟାସକବି ଫକୀରମୋହନ ସେନାପତିଙ୍କ ୧୦୪ତମ ଶ୍ରାଦ୍ଧ ଦିବସ ଅବସରରେ ସ୍ଥାନୀୟ ବାଣୀବିହାର ସମ୍ମୁଖରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ, ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ବିଧାନସଭାର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ ଅମୂଲ୍ୟ ସ୍ୱାଇଁ, ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ପ୍ରସନ୍ନ ରଥ ବ୍ୟାସକବିଙ୍କର ଗୁଣଗାନ କରିଥିଲେ । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସମ୍ପାଦିକା ବାସନ୍ତୀ ତ୍ରିପାଠୀ, ଯୁଗ୍ମ-ସଂପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ପ୍ରତାପ କୁମାର ନନ୍ଦ, ଅକ୍ଷୟ ଜେଠୀ, ସମରଂଜନ ମହାନ୍ତି, ପ୍ରକାଶ ସାମଲ, ରାମଚନ୍ଦ୍ର ସାମଲ ଓ ଅମୃତ ସ୍ୱାଇଁଙ୍କ ସହିତ ବହୁ ସଦସ୍ୟ ସଦସ୍ୟା ଭାଗନେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୨, ଜୁନ୍ ୧୭**

# ଏବେ ବି ବଂଚିଛି ମାନବିକତା



ଅଧୁନା ସମାଜରେ ସ୍ୱାର୍ଥପର, ଅସୂୟା ଭାବ ଓ ଆତ୍ମକୈନ୍ଦ୍ରିକ ମାନସିକତା ବୃଦ୍ଧି ପାଇଥିଲେ ମଧ୍ୟ ମାନବିକତା ବଂଚିଛି, ଏହା ଅନସ୍ୱୀକାର୍ଯ୍ୟ । ଛତିଶଗଡ ରାଜ୍ୟ, ଜାଂଜଗିର-ଚମ୍ପା ଜିଲ୍ଲା, ପିହରିଡ ଗ୍ରାମର ସଦ୍ୟ ଘଟିତ ବ୍ୟାପାର ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ଦୁର୍ଘଟଣା ବଶତଃ ଅଶୀଫୁଟ ବୋରଓ୍ୱେଲ୍ ରେ ପଡି ଯାଇଥିବା, ଦଶ ବର୍ଷୀୟ ଦିବ୍ୟାଙ୍ଗ ବାଳକ ରାହୁଲକୁ ଉଦ୍ଧାର କରିବାକୁ, ଧୈର୍ଯ୍ୟ ଓ ନିଷ୍ଠାର ସହିତ, କ୍ଷୁଧା ନିଦ୍ରା ପରିହାର କରି, ଉଦ୍ଧାରକାରୀ ଦଳଙ୍କ ଶହେ ପାଂଚ ଘଂଟାର ଅକ୍ଳାନ୍ତ ପରିଶ୍ରମ ତଥା ରାହୁଲର ସୁରକ୍ଷା ନିମନ୍ତେ, ସମଗ୍ର ଭାରତବାସୀଙ୍କ ଈଶ୍ୱରଙ୍କ ନିକଟରେ ଆକୁଳ ପ୍ରାର୍ଥନା ମାନବିକତାର ନିଦର୍ଶନ ନୁହେଁତ ଆଉ କଣ ? ଅଦୃଷ୍ଟ ସ୍ରଷ୍ଟାଙ୍କ ଅଦ୍ଭୁତ ଲୀଳା । ଦଶ ବର୍ଷୀୟ ମୁକ ବଧୀର ରାହୁଲ ଅଶୀଫୁଟ ବୋରଓ୍ୱେଲ୍ ରେ, ଘନ ଅନ୍ଧକାର, ବିନା ଅମ୍ଳଜାନ, ବିନା ଖାଦ୍ୟ, ବିନା ନିଦ୍ରା, ମଳ ମୁତ୍ର ତ୍ୟାଗ ପରି ପ୍ରାକୃତିକ କାର୍ଯ୍ୟ ତଥା କାଦୁଅ ପଙ୍କରେ ଗୋଟିଏ ସାପ ସହିତ, ଦୀର୍ଘ ପାଂଚ ଦିନ ଜୀବନ ଧାରଣ କରିବା, ଏକ ଅଚିନ୍ତନୀୟ ଓ ଅକଳ୍ପନୀୟ ଘଟଣା । ମାନସ ଚକ୍ଷୁରେ ଏ ଘଟଣାର ଚିନ୍ତନ ହିଁ ଆମ୍ଭ ମାନଙ୍କର ହୃଦ ସ୍ପନ୍ଦନକୁ ଦ୍ରୁତ କରାଇ ଦେଉଛି ।“ଯାହାକୁ ରଖିବେ ଅନନ୍ତ, କି କରି ପାରେ ବଳବନ୍ତ“, “ରଖେ ହରି ତ ମାରେ କିଏ“ ? ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପ୍ରଚଳିତ, ଦଶମ ଶ୍ରେଣୀର ଇଂରାଜୀ ପାଠ୍ୟ ପୁସ୍ତକରେ “ ଅଲ୍ ଥିଙ୍ଗସ୍ ବ୍ରାଇଟ୍ ଆଣ୍ଡ୍ ବିଉଟିଫୁଲ୍“ ନାମରେ କବିତାଟିଏ ଅଛି । ସେଥିରେ କବି ଈଶ୍ୱରଙ୍କୁ ଏ ପୃଥିବୀର ସମସ୍ତ ଜିନିଷର ସ୍ରଷ୍ଟା ଭାବରେ ବର୍ଣନା କରିଛନ୍ତି ଏବଂ ସମସ୍ତ ଜିନିଷର ସ୍ରଷ୍ଟା ଭାବରେ ପ୍ରଶଂସା ଶୁଣିବାକୁ ଆମକୁ ଓଠ ଦେଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି । କେତେ ବାସ୍ତବତା ଏ କବିତାରେ ! ତେଣୁ ହେ ପ୍ରଭୁ ହଟିଆ ଠାକୁର, କଣ ଦରକାର ଥିଲା ସେ ମୂକ ବଧିର ପିଲାଟିକୁ, ଗର୍ତରେ ନିକ୍ଷେପ କରିବା ? ଆଉ କଣ ଦରକାର ଥିଲା ଉଦ୍ଧାରକାରୀ ଦଳଙ୍କ ମାଧ୍ୟମରେ ତାକୁ କଠିନ ପ୍ରତିକୂଳ ପରିସ୍ଥିତିର ସାମ୍ନା କରାଇ ଉଦ୍ଧାର କରିବାରେ ? ଏହା କଣ ତୁମ ଶକ୍ତି ଓ ମହିମା ପ୍ରଚାରର ଏକ ସୁକ୍ଷ୍ମ



ଚକ୍ରାନ୍ତ ନୁହେଁ ? କୋଟି କଣ୍ଠର ଆର୍ତ ପ୍ରାର୍ଥନା, ହେ ପ୍ରଭୁ ରାହୁଲକୁ ବଂଚାଇ ଦିଅ, କେମିତି ଶୁଣିଥାନ୍ତ ? “କରି କରାଉ ଥାଏ ମୁହିଁ,ମୋ ବିନୁ ଆନ ଗତି ନାହିଁ“ । ତୁମେହିଁ ଭାରତୀୟ ସେନା, ଏନ୍.ଡି.ଆର୍.ଏଫ୍ , ଏସ୍.ଡି.ଆର୍.ଏଫ୍ ତଥା ଜନ ସାଧାରଣଙ୍କୁ, ମାନବିକତା ପ୍ରଦର୍ଶିତ କରିବାର ଓ ସେବା ପ୍ରଦାନ କରିବାର ଏକ ସୁଯୋଗ ସୃଷ୍ଟି କରି, ସେମାନଙ୍କୁ ପ୍ରଶଂସିତ କରାଇଛ । ଉଦ୍ଧାର କାର୍ଯ୍ୟ ପରେ, ସାମ୍ବାଦିକ ମାନଙ୍କ ପ୍ରଶ୍ନରେ, ଉଦ୍ଧାରକାରୀମାନଙ୍କ ଚକ୍ଷୁରେ ଯେଉଁ ଆନନ୍ଦାଶ୍ରୁ, ତାହା ସମ୍ବେଦନଶୀଳତା ପରି ଏକ ମହାନ୍ ଗୁଣର ନିଦର୍ଶନ । ଦୀର୍ଘ ପାଂଚଦିନ, କ୍ଷୁଧା ନିଦ୍ରା ପରିହାର କରି, ଦିବସ ରଜନୀକୁ ଏକାକାର କରି, ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ନହୋଇ, ଆଶା ଓ ଆଶଙ୍କା ମଧ୍ୟରେ, ଉଦ୍ଧାରକାରୀ ମାନେ ନିଷ୍ଠାର ସହିତ ଯେଉଁ କର୍ତବ୍ୟ ନିର୍ବାହ କରିଛନ୍ତି, ତାହା ବିରଳ ଏବଂ ଅଲୌକିକ । ପ୍ରକୃତରେ ସେମାନଙ୍କୁ ପ୍ରଶଂସା କରିବାକୁ ଶବ୍ଦର ଅଭାବ । ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କ ପ୍ରେରଣା, ଅପରେସନ୍ ଜୀନ୍ଦେଗୀର ଚାଲେଂଜ ଓ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ପ୍ରଦାନ କରିବା ମଧ୍ୟ, ଉଚ୍ଚ ପ୍ରଶଂସନୀୟ । ଉଦ୍ଧାର କାର୍ଯ୍ୟରେ, ଓଡିଶା ଏନ୍.ଡି.ଆର୍.ଏଫ୍ ଟିମର ଯୋଗଦାନ ଏବଂ କାର୍ଯ୍ୟଧାରା କୌଣସି ଗୁଣରେ ଗୌଣ ନଥିଲା । ଜିଲ୍ଲାପାଳ ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ଶୁକ୍ଲାଙ୍କ ଘଟଣା ସ୍ଥଳରେ ଉପସ୍ଥିତି, କାର୍ଯ୍ୟଧାରା ର ଟିକିନିଖି ତଦାରଖ ଏବଂ ସହୃଦୟତା ଉଦ୍ଧାରକାରୀଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ, କାର୍ଯ୍ୟକୁ ସଫଳ କରାଇବାରେ ଯଥେଷ୍ଟ ସହାୟକ ହୋଇଥିଲା ଏହା ନିଃସନ୍ଦେହ । ସର୍ବୋପରି ଦିନର ପଇଁଚାଳିଶି ଡିଗ୍ରୀର, ପ୍ରଚଣ୍ଡ ରୌଦ୍ରତାପ କୁ ଖାତିରି ନକରି, ସ୍ଥାନୀୟ ଜନସାଧାରଣ ସେ ସ୍ଥାନ ପରିତ୍ୟାଗ ନକରି ଉତ୍ସୁକତାର ସହିତ ଆଶା ଆଶଙ୍କା ମଧ୍ୟରେ, ଲୋତକ ପ୍ଲାବିତ ନୟନରେ, ରାହୁଲର ଜୀବନ୍ତ ଉଦ୍ଧାର ନିମନ୍ତେ ଈଶ୍ୱରଙ୍କ ନିକଟରେ ଆକୁଳ ନିବେଦନ, ମାନବିକତାର ଶ୍ରେଷ୍ଠ ନିଦର୍ଶନ ନୁହେଁତ ଆଉ କଣ ହୋଇପାରେ ? ରାହୁଲ ସୁଡଙ୍ଗ ଭିତରୁ ଉଦ୍ଧାର ହୋଇ ମେଡିକାଲ ଯିବା ବେଳକୁ ଯେଉଁ ଜୟଜୟକାର ଧ୍ୱନି, ଜିନ୍ଦାବାଦ ଧ୍ୱନି, ଆତସବାଜିର ବିସ୍ଫୋରଣରେ ଗଗନ ପବନ ପ୍ରକମ୍ପିତ ହେଉଥିଲା, ତାହା କଣ ସୁଚାଉ ଥିଲା ? ନାଁ ଥିଲା ସେଠି ଜାତିର ପ୍ରଶ୍ନ, ନାଁ ଥିଲା ସେଠି ଧର୍ମର ପ୍ରଶ୍ନ, ନାଁ ଥିଲା ସେଠି ବର୍ଣର ପ୍ରଶ୍ନ ? ଜାତି ଧର୍ମ ବର୍ଣ ନିର୍ବିଶେଷରେ ସମସ୍ତଙ୍କ ମନରେ ଥିଲା ରାହୁଲର ଉଦ୍ଧାର । ତାହେଲେ, ହେ ପ୍ରଭୁ କଣ ପାଇଁ ଆଜି ଏ ଜାତି ଜାତି ଭିତରେ ଦ୍ୱନ୍ଦ, ଏ ଧର୍ମ ଧର୍ମ ଭିତରେ ଦ୍ୱନ୍ଦ ? ସ୍ୱାର୍ଥ ସାଧନା ପାଇଁ ମନୁଷ୍ୟ ମନୁଷ୍ୟକୁ ହତ୍ୟା କରିବା ନିମନ୍ତେ ସାମାନ୍ୟତମ ଦ୍ୱିଧା ପ୍ରକାଶ କରୁନାହିଁ କାହିଁକି ? ଆଜି ଯୁଦ୍ଧ ବିଭିଷିକାରେ ବିଶ୍ୱବାସୀ ଆତଙ୍କିତ । ମୃତ୍ୟୁ ପରେ ସାଙ୍ଗରେ କିଛି ନେବା ନାହିଁ ଜାଣି ମଧ୍ୟ, ଅର୍ଥ ରୋଜଗାରର ଦୁର୍ବାର ଫାଶରେ ମନୁଷ୍ୟ କବଳିତ । ସର୍ବତ୍ର ଅଶାନ୍ତିର ଦାବାଗ୍ନି ପ୍ରଜ୍ୱଳିତ । ସର୍ବଶେଷରେ, ହେ ଈଶ୍ୱର, ତୁମ ପାଖରେ ଗୋଟିଏ ନିବେଦନ, ମନୁଷ୍ୟ ମନ ମଧ୍ୟରୁ ଏ ଆସୁରିକ ପ୍ରବୃତିର ବିଲୋପ ସାଧନ କରି, ମାନବିକତାର ସୁଗୁଣ ବୃଦ୍ଧି ପୂର୍ବକ, ତୁମ ସୃଷ୍ଟ ଏ ସୁନ୍ଦର ସୃଷ୍ଟିକୁ ତୁମେ ହିଁ ରକ୍ଷା କରିବ । ତୁମ ବ୍ୟତୀତ ଆଉ ବା କିଏ ରକ୍ଷା କରି ପାରିବ ?

**ପ୍ରଦୀପ୍ତ ଆଚାର୍ଯ୍ୟ**, ସମ୍ପାଦକ, ସମ୍ବାଦ ସାହିତ୍ୟ ଘର, କିଶୋରନଗର, କଟକ । ମୋ-୬୩୭୧୫୯୩୨୨୦

## ଆଜିର ଅନୁଚିନ୍ତା

*ସଂସାରର ବ୍ୟବହାରକୁ ଜାଣିଥିବା ବ୍ୟକ୍ତି ହେଉଛି ସର୍ବଜ୍ଞ ।*

*ପାଠକୀୟ ମତାମତ ଓ ପରାମର୍ଶ ‘ପର୍ଯ୍ୟବେକ୍ଷକ’ ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା’ ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ବିଦେଶରେ ଭାରତବିରୋଧୀ ବାହିନୀ

**ସୌମେନ୍ଦ୍ର ଜେନା**



ଏବେ ଦେଖିବାକୁ ମିଳୁଛି ଯେ ପ୍ରତିବର୍ଷ କିଛି କିଛି ଦିନ ଅନ୍ତରରେ ଆମେରିକାରୁ ଭାରତ ବିରୋଧରେ ଭିନ୍ନ ଭିନ୍ନ ରିପୋର୍ଟମାନ ପ୍ରକାଶ ପାଇବାରେ ଲାଗିଛି । କେବେ ରେଟିଂକୁ ନେଇ, କେବେ ମାନବାଧିକାର, ଜାତିଗତ ସଂଘର୍ଷ, ସଂଖ୍ୟାଲଘୁ ସମସ୍ୟା, କାଶ୍ମିର ମାମଲା, ଗଣମାଧ୍ୟମର ସ୍ୱାଧୀନତା ଇତ୍ୟାଦି । ଏସବୁ ଭିତରେ ଭାରତକୁ ଅଲଗା ଅଲଗା ପ୍ରକାରେ ଘେରିବାକୁ ବଦନାମ କରିବାକୁ ଅନେକ ସମୟରେ ପ୍ରୟାସ କରାଯାଉଥିବାର ଦେଖିବାକୁ ମିଳୁଛି । ସ୍ୱୟମ୍ଭୁ ବିଶେଷଜ୍ଞମାନେ ଅନେକ ତଥ୍ୟ ପ୍ରକାଶ ନାମରେ ଆନ୍ତର୍ଜାତିକ ସ୍ତରରେ ଭାରତର ଭାବମୂର୍ତ୍ତିକୁ ଖରାପ କରିବାକୁ ପ୍ରୟାସ କରୁଛନ୍ତି । ଏମାନଙ୍କ ସହ ଭାରତର କିଛି ବ୍ୟକ୍ତି ଏବଂ ସଂସ୍ଥାଗୁଡିକ ମଧ୍ୟ ସହଯୋଗୀ ହୋଇ ରହିଛନ୍ତି । ଏମାନେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଦେଶର ସମ୍ମାନ ବିକ୍ରି କରିବାକୁ ପଛାନ୍ତି ନାହିଁ । ଆମେରିକାରେ ଥିବା ଭାରତ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରୁ ଖାଲିସ୍ତାନ ବାହିନୀ ଆଗୁଆ ରହିଛି । ଏମାନେ ଦୀର୍ଘ ୫୦ ବର୍ଷ ଧରି ଆମେରିକା ସରକାରଙ୍କ ସୁରକ୍ଷା, ସାହାଯ୍ୟ ଓ ସମର୍ଥନ କ୍ରମେ କାର୍ଯ୍ୟକରି ଆସୁଛନ୍ତି । ୧୯୭୧ରେ ବଙ୍ଗଳାଦେଶ ଯୁଦ୍ଧରେ ପାକ୍-ଆମେରିକା ଗୋଷ୍ଠୀର ପରାଜୟ ପରେ ଭାରତକୁ ଶିକ୍ଷା ଦେବାପାଇଁ ଏବଂ ବଙ୍ଗଳାଦେଶ ପାକ୍‌ରୁ ଅଲଗା ହେଲାପରି ପଞ୍ଜାବକୁ ଭାରତରୁ ଅଲଗା କରିବା ପାଇଁ ଆମେରିକା-ପାକ୍‌ର ମିଳିତ ଯୋଜନାରେ ଯେଉଁ ଷଡଯନ୍ତ୍ର ଆରମ୍ଭ ହୋଇଥିଲା ଖାଲିସ୍ତାନ ସନ୍ତ୍ରାସବାଦ ତାର ପରିଣାମ ମାତ୍ର । ବିଦେଶରେ ଭାରତର ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ହେଉଛି ଏମାନଙ୍କର ଉଦ୍ଦେଶ୍ୟ । ଗତବର୍ଷ ଜାନୁଆରୀ ୨୦୨୧ରେ ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟ ଅନ୍ତର୍ଗତ ଡାଭିସ ସହରରେ ରହିଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭାରତ ବିରୋଧୀ ଏହି ଗୋଷ୍ଠୀଙ୍କ ଦ୍ୱାରା ଭଙ୍ଗାରୁଜା କରାଯାଇଥିଲା । ୨୦୧୬ରେ ଭାରତ ସରକାର ସେଠାକାର ଏକ ପାର୍କରେ ଏହି ପ୍ରତିମୂର୍ତ୍ତି ପ୍ରତିଷ୍ଠା ପାଇଁ ଦେଇଥିଲେ । ଠିକ୍ ସମାନ ଢଙ୍ଗରେ ଡିସେମ୍ବର ୨୦୨୦ରେ ଓ୍ୱାସିଂଟନ ଡିସିଠାରେ ଥିବା ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତି ଉପରେ ଆକ୍ରମଣ ହୋଇଥିଲା । ବ୍ଲାକ ଲାଇଭ ମାଟର୍ସ ଆନ୍ଦୋଳନ ବେଳେ ଗାନ୍ଧି ମୂର୍ତ୍ତିର ମୁହଁରେ କାଳି ବୋଳିବା ପରି ଯେଉଁ କାର୍ଯ୍ୟ ହୋଇଥିଲା ତାହା ସେଠାକାର ସ୍ଥାନୀୟ ଗଣମାଧ୍ୟମଗୁଡିକରେ ହେଡଲାଇନ ସହପ୍ରକାଶ ପାଇଥିଲା । ଗାନ୍ଧିମୂର୍ତ୍ତି ଉପରେ ଆକ୍ରମଣ ଘଟଣାରେ ସେଠାକାର ସଂଗଠନ ଅର୍ଗାନାଇଜେସନ ଫର୍ ଦି ମାଇନୋରିଟିଜ୍ ଅଫ ଇଣ୍ଡିଆ (ଓଏମ୍ଏଫ୍ଆଇ) ରହିଥିଲା । ଏହି ସଂଗଠନ ପିଟର ଫ୍ରେଡେରିକ୍ ନାମକ ଆତ୍ମଘୋଷିତ ଦକ୍ଷିଣ ଏସିଆର ବିଶେଷଜ୍ଞ ଏବଂ ଆମେରିକାରେ ବସବାସ କରୁଥିବା ଭଜନ ସିଂହ ଭିଣ୍ଡର ଓରଫ ଇକବଲ ଚୈଧୁରୀ ନାମକ ଜଣେ ଖାଲିସ୍ତାନୀ ସମର୍ଥକ ଦ୍ୱାରା ଆରମ୍ଭ ହୋଇଥିଲା । ୧୯୮୯ରେ ଆମେରିକାରେ ଆରମ୍ଭ ହୋଇଥିବା ଖାଲିସ୍ତାନୀ ଗୋଷ୍ଠୀ ଶିଖ ୟୁଥ ଅଫ୍ ଆମେରିକାର ଜଣେ ସଦସ୍ୟ ଥିଲା ଭଜନ ସିଂହ ଭିଣ୍ଡର । ଏହି ଗୋଷ୍ଠୀ କାନାଡା ଏବଂ ଆମେରିକାରେ ସକ୍ରୀୟ ରହିବା ସହ ଭାରତ ବିରୋଧୀ କାର୍ଯ୍ୟକଳାପରେ ରହିଥାଏ । ଭିଣ୍ଡରର ନାମ ଲାଲସିଂହ ବନାମ ଗୁଜରାଟ ରାଜ୍ୟ ପରି କୁଖ୍ୟାତ ମାମଲାରେ ରହିଥିଲା । ୧୯୯୧-୯୨ରେ ଆଇଏସ୍ଆଇର ଯୋଜନାରେ ପାକିସ୍ଥାନର ଲାହୋର ସହରରେ ଜମାତେ ଇସଲାମୀ ସଂଗଠନର ତତ୍କାଳୀନ ସଂପାଦକଙ୍କ ପ୍ରୋତ୍ସାହନ କ୍ରମେ କେ-୨(କାଶ୍ମିର -ଖାଲିସ୍ଥାନ) ଷଡଯନ୍ତ୍ର ହୋଇଥିଲା, ଯେଉଁଥିରେ ଲାଲସିଂହ ସହ ଚରିଜଣ ଆଇଏସ୍ଆଇ ଏଜେଣ୍ଟ ମହମ୍ମଦ ସରିଫ୍, ତାହିର ଜମାଲ, ମହମ୍ମଦ ସାକ୍ୱିବ ନାଉନ ଏବଂ ସୋଏବ ମୁଖତିୟାର ପ୍ରମୁଖ ସାମିଲ ଥିଲେ । ଉକ୍ତ ଷଡଯନ୍ତ୍ରକୁ ପାକିସ୍ଥାନର ଶାସନରେ ଥିବା ଅନେକ ସଂସ୍ଥା ଏବଂ ପାକ୍‌ର ପୂର୍ବତନ ମନ୍ତ୍ରୀ ଫଓ୍ୱାଦ ଚୈଧୁରୀଙ୍କର ମାମୁ ଚୈଧୁରୀ ଅଲ୍‌ତାଫ୍ ହୁସେନ (ପଞ୍ଜାବ ପ୍ରଦେଶର ଗଭର୍ଣ୍ଣର) ସହଯୋଗ କରିଥିଲେ । ଜୁଲାଇ ୨୦୦୭ରେ ଆମେରିକାରେ ଅର୍ଗାନାଇଜେସନ ଫର୍ ମାଇନୋରିଟିଜ୍ ଅଫ୍ ଇଣ୍ଡିଆର ପଞ୍ଜିକରଣ ପିଟର ଫ୍ରେଡେରିକ କରିଥିଲା । ସେତେବେଳେ ଭାରତ ସରକାରଙ୍କ ଦ୍ୱାରା ଭଜନ ସିଂହ ଭିଣ୍ଡର ଓରଫ୍ ଇକବଲ୍ ଚୈଧୁରୀ ଜଣେ ଘୋଷିତ ସନ୍ତ୍ରାସବାଦୀ ଥିଲା । ପ୍ରାରମ୍ଭିକ କାଳରେ ଏହି ସଂଗଠନ ସେଫ୍‌ଟି ନେଟ୍ ଟ୍ରାନ୍ସପୋ ନାମକ ପରିବହନ କମ୍ପାନୀ ଏବଂ ସୋଭେରେନ ଷ୍ଟାର ପବ୍ଲିଶିଂ ପରି ପ୍ରକାଶନ ସଂସ୍ଥା ମଧ୍ୟରେ ସୀମିତ ହୋଇ କାର୍ଯ୍ୟ କରୁଥିଲା । ଆମେରିକାରେ ଗାନ୍ଧି ପ୍ରତିମୂର୍ତ୍ତି, ଯୋଗ ଏବଂ ଋଷି ପରି ଭାରତୀୟ ଅହିଂସାର ଭାବମୂର୍ତ୍ତିକୁ ଏହି ସଂଗଠନ ଆକ୍ରମଣ କରିବାକୁ ଲାଗିଲା । ଏସବୁର ଆଳରେ ଭାରତକୁ ଏକ ଫାସୀବାଦୀ ରାଷ୍ଟ୍ର, ଗଣତାନ୍ତ୍ରିକ ମୂଲ୍ୟବୋଧ ନଥିବା ଗଣତନ୍ତ୍ର କହି ସମାଲୋଚନା କରିବାକୁ ଲାଗିଲା । ଏହି ପ୍ରଚାର ମାଧ୍ୟମରେ ବିକଳ୍ପ ପ୍ରଚାର ପାଇଁ ଏକ ଆତ୍ମଘୋଷିତ ବିଶେଷଜ୍ଞ ଦଳ ମଧ୍ୟ ସୃଷ୍ଟି ହେଲେ ।

ଭାରତ ବିରୋଧୀ ବାହିନୀକୁ ଆମେରିକାରେ ପ୍ରୋତ୍ସାହିତ କରୁଥିବା ପିଟର ଫ୍ରେଡେରିକ ଜଣେ ଆମେରିକାର ନାଗରିକ ଏବଂ ତାର ଜନ୍ମ ୧ ଅକ୍ଟୋବର ୧୯୮୫ରେ । ସେ ଆତ୍ମଘୋଷିତ ଦକ୍ଷିଣ ଏସୀୟ ବିଶେଷଜ୍ଞ । ଆତ୍ମଘୋଷିତ ଖ୍ରୀଷ୍ଟିଆନ ମିଶନାରୀ ଏବଂ ଅନେକ ପୁସ୍ତକର ଲେଖକ ବୋଲି ଦାବି କରେ । ହେଲେ ସେ ଲେଖୁଥିବା ଭାରତ ବିରୋଧୀ ପୁସ୍ତକଗୁଡିକୁ ଭିଣ୍ଡର ଦ୍ୱାରା ପରିଚାଳିତ ସୋଭେରେନ ଷ୍ଟାର ପବ୍ଲିଶିଂ ହିଁ ପ୍ରକାଶ କରିଥାଏ । ଭାରତରେ ଫାସୀବାଦ ଶୀର୍ଷକ ପୁସ୍ତକ ଲେଖି ସେ ମହାତ୍ମା ଗାନ୍ଧିଙ୍କ ବିଚାରଧାରା ସଂକ୍ରାନ୍ତରେ ନିଜକୁ ବିଶେଷଜ୍ଞ ଭାବେ ପ୍ରଚାର କରୁଛି । ଏପରିକି କାବୁଲସ୍ଥିତ ଗୁରୁଦ୍ୱାର ଉପରେ ହୋଇଥିବା ସନ୍ତ୍ରାସବାଦୀ ଆକ୍ରମଣ ପଛରେ ପାକିସ୍ଥାନର କୌଣସି ହାତ ନଥିବା କହି ଯୁକ୍ତି ବାଢିଛି । ଆନ୍ତର୍ଜାତିକ ସ୍ତରରେ ଭାରତର ଭାବମୂର୍ତ୍ତିକୁ ଖରାପ କରିବା ପାଇଁ ଓଏମ୍ଏଫ୍ଆଇ ସଂଗଠନ ଖ୍ରୀଷ୍ଟିଆନ, ବୌଦ୍ଧ, ଦଳିତ, ମୁସଲିମ, ଶିଖ ଏବଂ ଦକ୍ଷିଣ ଏସିଆର ମୂଳନିବାସୀ ଲୋକଙ୍କ ନାମରେ ଭାରତ ବିରୋଧୀ ପ୍ରଚାର ଚଳାଇବାରେ ବ୍ୟସ୍ତ ରହିଛି । ପିଟର ଫ୍ରେଡେରିକ କେବେ ସିଂହ ଅଫ୍ ଜୁଦାହ, ପିଟର ଫ୍ଲାନିଗନ, ପିଟର ସିଂହ, ପାଟ୍ରିକ ଜେ ନେଭର୍ସ ଆଦି ନାମରେ ମଧ ଭାରତ ବିରୋଧୀ ପ୍ରଚାର କରିଥାଏ । ବିଦେଶରେ ଗାନ୍ଧିବାଦ, ଯୋଗ ଏବଂ ଋଷି ପରି ବିଷୟ ପ୍ରତି ଅଧିକ ଶ୍ରଦ୍ଧା ବଢୁଥିବାରୁ ପିଟର ଏସବୁକୁ ଟାର୍ଗେଟ କରି ମିଛ ଲେଖାମାନ ଲେଖିବାରେ ବ୍ୟସ୍ତ । ୨୦୧୪ ପୂର୍ବରୁ ପିଟର ଜଣେ ନିଷ୍ଠାବାନ ଖ୍ରୀଷ୍ଟିଆନ ବ୍ୟକ୍ତିଭାବେ ପରିଚୟ ଦେବାସହ ଗାନ୍ଧିଇଜମ୍ ନେଟ୍ ଓ୍ୱେବସାଇଟକୁ ପିଟର ଫ୍ଲାନିଗନ ନାମରେ ଚଳାଉଥିଲା । ଶିଖମାନଙ୍କ ମଧ୍ୟରେ କାର୍ଯ୍ୟକରିବା ପାଇଁ ପିଟର ସିଂହ ନାମକୁ ବ୍ୟବହାର କରୁଥିଲା । ଭଜନ ସିଂହ ଭିଣ୍ଡର ସହ ମିଶି ପାଟ୍ରିକ ଜେ ନେଭର୍ସ ନାମରେ “ଦି ଫେସେସ୍ ଅଫ୍ ଟେରର ଇନ୍ ଇଣ୍ଡିଆ” ଏବଂ “ଡେମନ୍ସ ଓ୍ୱିଦିନ- ଦି ସିଷ୍ଟେମାଟିକ” ଶୀର୍ଷକ ଦୁଇଟି ପୁସ୍ତକ ଲେଖିଥିଲା (୨୦୧୧) । ୨୦୧୪ ପରଠାରୁ ସେ ମୁଖ୍ୟଧାରାର ଗଣମାଧ୍ୟମରେ ପିଟର ଫ୍ରେଡେରିକ୍ ନାମରେ ଦକ୍ଷିଣ ଏସୀୟ ବିଶ୍ଳେଷକ ଭାବେ ପ୍ରଚାର କଲା (୨୦୧୯) ଆମେରିକାରେ ରହୁଥିବା ଭାରତୀୟମୂଳର ରାଜନେତାଙ୍କ ବିରୋଧରେ ୨୦୧୮ରୁ ପଇସା ଦେଇ ପ୍ରଚାର ଚଳାଇଲା । ସୋସିଆଲ ମିଡିଆରେ ସିଂହ ଅଫ୍ ଜୁହାଦ ନାମରେ ମନ୍ତବ୍ୟ ଲେଖିବାକୁ ଲାଗିଲା (୨୦୧୫) । ପିଟର ଫ୍ରେଡେରିକ ନାମରେ ମହାତ୍ମାଗାନ୍ଧିଙ୍କ ବିଷୟରେ ଦୁଇଟି ପୁସ୍ତକ ଲେଖିଲା (୨୦୧୭) । ଦଳିତଙ୍କୁ କେନ୍ଦ୍ର କରି “ଭାରତ ବନ୍ଦ ଏଣ୍ଡ୍ ଦି ଦଳିତ ଷ୍ଟ୍ରଗଲ ଏଗେନଷ୍ଟ ଡି ହ୍ୟୁମାଇଜେସନ” (୨୦୧୮) ଶୀର୍ଷକରେ ଏକ ପୁସ୍ତକ ଲେଖିଲା । ଆଫଗାନିସ୍ଥାନର କାବୁଲ ସହରରେ ଥିବା ଗୁରୁଦ୍ୱାରରେ ଆତ୍ମଘାତୀ ଆକ୍ରମଣରେ ୨୧ରୁ ଅଧିକ ଲୋକଙ୍କ ମୃତ୍ୟୁକୁ ଏକ ଛୋଟ କଥା କହି ଏହା ପଛରେ ପାକିସ୍ଥାନ ଏବଂ କୌଣସି ସନ୍ତ୍ରାସବାଦୀ ସଂଗଠନର ହାତ ନଥିବା ଉଲ୍ଲେଖ କରି ଏକ ପୁସ୍ତକ “ଦି ପ୍ରକ୍ସି ଓ୍ୱାରସ୍ ବିହାଇଣ୍ଡ ଦି କାବୁଲ ଗୁରୁଦ୍ୱାର ମାସାକାର” ଶୀର୍ଷକରେ ପ୍ରକାଶ କଲା । ଭାରତରେ ଫାସୀବାଦ ଜାରି ରହିଛି ବୋଲି କହି ଏକ ପୁସ୍ତକ “ସାଫ୍ରନ ଫାସିଷ୍ଟସ: ଇଣ୍ଡିଆଜ ହିନ୍ଦୁ ନେସନାଲିଷ୍ଟ ରୁଲର୍ସ” ଲେଖି ପ୍ରକାଶ କରାଇଲା । ପିଟରର ଅର୍ଗାନାଇଜେସନ ଅଫ୍ ମାଇନୋରିଟିଜ୍ ଇନ୍-ଇଣ୍ଡିଆ (ଓଏମ୍ ଏଫ୍ଆଇ.ଓଆର୍‌ଜି) ଇଣ୍ଡିଆନ ଆମେରିକାନ ମୁସଲିମ କାଉନସିଲ ଏବଂ ହିନ୍ଦୁଜ ଫର୍ ହ୍ୟୁମାନ୍ ରାଇଟସ୍ ସହ ମିଶି ୨୦୧୯ରେ ଆଲିଆନ୍ସ ଫର୍ ଜଷ୍ଟିସ ଏଣ୍ଡ ଆକାଉଣ୍ଟାବିଲିଟୀ (ଏଜେଏ) ନାମରେ ଏକ ମହାମେଣ୍ଟ ଗଠନ କରିଥିଲା ଯାହାକୁ ସେମାନେ ଭାରତୀୟ ଆମେରିକୀୟଙ୍କ ମେଣ୍ଟ ଘୋଷଣା କରି ସେପ୍ଟେମ୍ବର ୨୦୧୯ରେ ହଷ୍ଟନ ଠାରେ ହାଓଡି ମୋଦୀ କାର୍ଯ୍ୟକ୍ରମ ବେଳେ ବିକ୍ଷୋଭ ପ୍ରଦର୍ଶନ କରି ଭାରତ ବିରୋଧୀ ସ୍ଲୋଗାନମାନ ଦେଇଥିଲେ ।

କୃଷି ଆଇନକୁ କେନ୍ଦ୍ର କରି ହୋଇଥିବା ଚାଷୀ ଆନ୍ଦୋଳନ ସମୟରେ ଭାରତ ବାହାରେ ସକ୍ରିୟ ଭାରତ ବିରୋଧୀଙ୍କୁ ସଂଗଠିତ କରିବା ପାଇଁ ଏକ ସୁବର୍ଣ୍ଣ ସୁଯୋଗ ପାଇଲା ପାକିସ୍ଥାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ । ସେ ତାର ନିଜ ଖାଲିସ୍ଥାନୀ ସମର୍ଥକମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେଇ ଆନ୍ଦୋଳନରେ ସକ୍ରିୟ ହୋଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଲାପରେ ପଞ୍ଜାବ ପ୍ରଦେଶରୁ ହଜାର ହଜାର ସଂଖ୍ୟାରେ ଖାଲିସ୍ଥାନୀ ଟ୍ରାକ୍ଟର,ଗାଡିଧରି ଆନ୍ଦୋଳନରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟରେ ଆଇଏସ୍ଆଇର ସହଯୋଗୀ ସାଜିଲା କାନାଡାବାସୀ ଶିଖ ଫର୍ ଜଷ୍ଟିସ ସଂଗଠନ ଚଳାଉଥିବା ଗୁରପଟଓ୍ୱନ୍ତ ସିଂହ ପନ୍ନୁ । ପାକ୍‌ର ଆଇଟି ସେଲ ଏବଂ ସେମାନଙ୍କ ସହଯୋଗୀମାନଙ୍କ ସହାୟତାରେ ଖାଲିସ୍ଥାନୀଙ୍କ ପ୍ରଚାରକୁ ଜୋରଦାର କରାଯାଇଥିଲା । ଭିନ୍ନ ଭିନ୍ନ ଦେଶରେ ଯେପରି କାନାଡା, ଆମେରିକା ଏବଂ ବ୍ରିଟେନରେ ଥିବା ଭାରତୀୟ ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଗୋଷ୍ଠୀ ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇବା ଉଦ୍ଦେଶ୍ୟରେ ଭାରତ ବିରୋଧୀ ବିକ୍ଷୋଭର ଆୟୋଜନ କରି ଖାଲିସ୍ଥାନୀ ପତାକା ଉଡାଇଥିଲେ । ବିଶ୍ୱବ୍ୟାପି ଉକ୍ତ ଭାରତ ବିରୋଧୀ ପ୍ରଚାର ଯୁଦ୍ଧରେ ସାମିଲ ହୋଇଥିଲା ସ୍ୱିଡେନର ତଥାକଥିତ ଜଳବାୟୁ କର୍ମୀ ଗ୍ରେଟା ଥୁନବର୍ଗ । ସେ ଏକ ଟୁଲକିଟ୍ ପ୍ରସ୍ତୁତ କରି ଷ୍ଟାଣ୍ଡ ଓ୍ୱିଥ୍ ଫାର୍ମର୍ସ, ଆସ୍କ ଇଣ୍ଡିଆ ହ୍ୱାଏ ଫାର୍ମର୍ସ ପ୍ରୋଟେଷ୍ଟ ହାସଟାଗ୍ ଚଳାଇଥିଲା, ଯାହା କାନାଡାବାସୀ ଖାଲିସ୍ଥାନୀ ମୋ ଧଲିଓ୍ୱାଲର ପୋଏଟିକ ଜଷ୍ଟିସ ଫାଉଣ୍ଡେସନ ସହ ଯୋଡି ହୋଇଥିଲା । ଭାରତର ଭାବମୂର୍ତ୍ତିକୁ ଆନ୍ତର୍ଜାତିକ ସ୍ତରରେ ଖରାପ କରିବା ପାଇଁ ସେଥିରେ ବିଦେଶର ପ୍ରତିଷ୍ଠିତ ଲୋକମାନଙ୍କୁ ସାମିଲ ହୋଇ ଭାରତ ବିରୋଧୀ ପ୍ରଚାରରେ ଯୋଡିହେବାକୁ ଆହ୍ୱାନ ଦିଆଯାଇଥିଲା । ଏହି ସଂଗଠନର ଉଦ୍ଦେଶ୍ୟ ଥିଲା କୃଷିବିଲର ପ୍ରତ୍ୟାହାର, ବିରୋଧୀଙ୍କ ପ୍ରତି ଫାସୀବାଦୀଙ୍କ ବ୍ୟବହାରକୁ ଜଣାଇବା, ଭାରତର ମିଡିଆ ଏବଂ ବାଣିଜ୍ୟିକ ସଂସ୍ଥାର ଦୁର୍ନୀତିକୁ ବିଶ୍ୱରେ ପ୍ରଚାର କରିବା, ସାଧାରଣରେ ଥିବା ଭାରତର ଯୋଗ ଏବଂ ଋଷିର ଭାବମୂର୍ତ୍ତିକୁ ଖରାପ କରିବା, ପଞ୍ଜାବୀ ଏବଂ ଦକ୍ଷିଣ ଏସୀୟ ଲୋକଙ୍କୁ ଏ ସଂପର୍କରେ ଶିକ୍ଷାଦେବା, ୨୦୨୧ ଜାନୁଆରୀ ୨୬ ତାରିଖରେ ଆନ୍ତର୍ଜାତିକ ସ୍ତରରେ ଥିବା ଭାରତୀୟ ଲୋକଙ୍କ ମଧ୍ୟରେ ଭାରତ ବିରୋଧୀ ପ୍ରଚାର ଚଳାଇବା । ପ୍ରଥମେ ଏଥିପାଇଁ ୨୩ ଜାନୁଆରୀ କିମ୍ବା ୨୬ ଜାନୁଆରୀ ୨୦୨୧କୁ ଗ୍ରହଣ କରିବାକୁ କୁହାଯାଇଥିଲା । ପରେ ୪ଏବଂ ୫ ଫେବୃଆରୀ ୨୦୨୧ରେ ଭାରତ ବିରୋଧୀ ହାସ୍‌ଟାଗ୍‌କୁ ଭାରତର ପ୍ରଧାନମନ୍ତ୍ରୀ, କୃଷିମନ୍ତ୍ରୀ, ରାହୁଲଗାନ୍ଧି, ଶଶୀଥରୁର, ଡେରେକ ଓବ୍ରାଏନ, ଟାଇମ୍ସ ଟ୍ରଲି, ବି.ଦତ୍ତ, ଫାୟେଦସୌଜା, ଜୁବିଅର (ସାମ୍ବାଦିକ), ଗଣମାଧ୍ୟମ ସଂସ୍ଥା, ଏକ୍ସରିବେଲିଅନଇଣ୍ଡ୍ ଏବଂ ଏକ୍ସଟିନକ୍ସନ୍ ଆରକୁ ଟ୍ୟାଗ କରିବା ପାଇଁ କୁହାଯାଇଥିଲା । ଆମେରିକାର ରାଜ୍ୟମୁଖ୍ୟ, ସ୍ଥାନୀୟ ପ୍ରତିନିଧି, ଆଇଏମ୍ଏଫ ନିଉଜ, ଓ୍ୱାର୍ଲଡ ବ୍ୟାଙ୍କ, ଡବ୍ଲୁଟିଓ, ୟୁଏନ୍‌ଡିପି, ୟୁଏନ୍‌ଫାଓ ଆଦି ସଂସ୍ଥାକୁ ମଧ ଟ୍ୟାଗ୍ କରିବା ପାଇଁ ଲେଖାଯାଇଥିଲା । ଏସବୁକୁ ଦିଲ୍ଲୀସୀମାର ଚାଷୀ ଆନ୍ଦୋଳନସ୍ଥଳୀରୁ ପ୍ରକାଶିତ ସାପ୍ତାହିକୀ ଟାଇମ୍ସ ଟ୍ରଲି, ଅଲଟ ନିଉଜ୍, ଫ୍ରେଡେରିକ ପିଟର, ସାକେତ ଗୋଖଲେ, ପରି ନେଟ୍‌ଓ୍ୱାର୍କ, ମହିଳା କିସାନ, ନିଉଜ୍ ଲଣ୍ଡ୍ରୀ, ଦି ଓ୍ୱାୟାର, ଦି ସ୍କ୍ରଲ ଆଦିରେ ସ୍ଥାନ ପାଇବା କଥା କୁହାଯାଇଥିଲା ।

ଦେଖିବାକୁ ଗଲେ ଇତିମଧ୍ୟରେ ଚାଷୀ ଆଇନ ପ୍ରତ୍ୟାହୃତ ହୋଇଛି ଏବଂ ୨୬ ଜାନୁଆରୀରେ ଲାଲକିଲ୍ଲାରେ ଖାଲିସ୍ଥାନୀ ତାଣ୍ଡବକୁ ସମଗ୍ର ବିଶ୍ୱ ଦେଖିସାରିଛି । କେଜ୍ରିଓ୍ୱାଲ ସରକାର ଦିଲ୍ଲୀର ସୀମାରେ ବର୍ଷାଧିକ କାଳର ଅହରହ ଆନ୍ଦୋଳନ, ରାସ୍ତାବନ୍ଦ କରିବାକୁ ସମର୍ଥନ ଏବଂ ଧନ-ଜନବଳ ଯୋଗାଇ ଦେଇ ପରବର୍ତ୍ତୀ କାଳରେ ପଞ୍ଜାବରେ ଆପ୍ ସରକାର କ୍ଷମତାସୀନ ହୋଇଛି । ଆପ୍ ସରକାର ଆସିବା ପରେ ସେଠାରେ ଖାଲିସ୍ଥାନୀଙ୍କୁ ଖୋଲାରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଅନୁମତି ମିଳୁଛି । ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ରାଜ୍ୟରେ ଘଟିଚାଲିଛି ଏବଂ ପଞ୍ଜାବରୁ ଅସ୍ତ୍ରଶସ୍ତ୍ରକୁ ଖାଲିସ୍ଥାନୀମାନେ ଦିଲ୍ଲୀକୁ ପଠାଇବା ବେଳେ ହରିୟାଣାରେ ଧରାପଡିଛନ୍ତି । ପଞ୍ଜାବରେ ପାକ୍ ସୀମାନ୍ତରୁ ଡ୍ରୋନ୍, ପାଣିପାଇପ୍ ଏବଂ ତାରବାଡ ଦେଇ ଧଳାଜହର ପ୍ରବେଶ କଲାବେଳେ ରାଜ୍ୟରେ ଧର୍ମାନ୍ତରଣର ପ୍ରାଦୁର୍ଭାବ ବୃଦ୍ଧି ପାଇଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଞ୍ଜାବକୁ ଭାରତରୁ ଅଲଗା କରି ତାର ପ୍ରଧାନମନ୍ତ୍ରୀ ହେବା ପାଇଁ ଇଚ୍ଛାପ୍ରକାଶ କରିଥିବା ସଂକ୍ରାନ୍ତରେ ସମ୍ବାଦମାନ ଚାଷୀ ଆନ୍ଦୋଳନ ବେଳେ ଦୃଷ୍ଟିକୁ ଆସିଥିଲା । ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ପୁଣିଥରେ ଖାଲିସ୍ଥାନୀଙ୍କୁ ପଞ୍ଜାବରେ ସକ୍ରିୟ କରି ଭାରତ ସରକାରଙ୍କ ବିରୋଧରେ ଲଢେଇବାର ଲକ୍ଷ୍ୟରେ ପଞ୍ଜାବର ଆପ୍ ସରକାର ରହିଥିଲା ବେଳେ ବିଦେଶରେ ଥିବା ଭାରତ ବିରୋଧୀ ବାହିନୀ ଏ ଦିଗରେ ଅଧିକ ସକ୍ରିୟ ହୋଇ ଉଠିଛନ୍ତି । ଗାୟକ ସିଧୁ ମୁସେଓ୍ୱାଲା ହତ୍ୟା ପରେ ପରେ ଏମିତି ଅନେକ ଆକାଉଣ୍ଟ ସୋସିଆଲ ମିଡିଆରେ ଖୋଲାଯାଇ ଖାଲିସ୍ଥାନୀଙ୍କ ମହିମାମଣ୍ଡନର ପ୍ରଚାର ଚାଲୁରହିଛି । ୟୁଟ୍ୟୁବରେ ଅନେକ ଛୋଟ ଛୋଟ ଭିଡିଓ ପ୍ରସ୍ତୁତ ହୋଇ ପଞ୍ଜାବୀ ବର୍ଚ୍ଚସ୍ୱର ପ୍ରଚାର କରାଯାଉଛି । ବିଦେଶରେ ଥିବା ଭାରତବିରୋଧୀ ବାହିନୀ ଭାରତରେ ଅସ୍ଥିରତା ସୃଷ୍ଟି ପାଇଁ ତତ୍ପର ହୋଇଉଠିଛନ୍ତି । ଭାରତର ରାଜନୈତିକ, କୂଟନୀତିକ, ଆର୍ଥିକ, ସାମରିକ, ବୈଜ୍ଞାନିକ ବିକାଶ କ୍ଷେତ୍ରରେ ବିକାଶକୁ ଈର୍ଷା କରୁଥିବା ଆନ୍ତର୍ଜାତିକ ସ୍ତରର ପାଶ୍ଚାତ୍ୟ ରାଷ୍ଟ୍ର ଏବଂ ସେମାନଙ୍କ ସହଯୋଗୀ ଗୋଷ୍ଠୀ ମାଧ୍ୟମରେ ଏହି ଭାରତ ବିରୋଧୀବାହିନୀ ଦେଶରେ ଅସ୍ଥିରତା ସୃଷ୍ଟିପାଇଁ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି । ଏସବୁ ପ୍ରତି ଭାରତ ସରକାର, ଗଣମାଧ୍ୟମ, ଜନସାଧାରଣ ସମସ୍ତେ ସତର୍କ ରହିବା ଆବଶ୍ୟକ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# କହିଲେ କୁଳ କୁଟୁମ୍ବକୁ ଲାଜ...

“ଆମ ଘରର ଆତ୍ମୀୟ ସୋଦରମାନଙ୍କର କିଛି କଥା ଆଲୋଚନା କରିବା । ମୋ ପରି ବହୁତ ଅଛନ୍ତି ଯେଉଁମାନେ ଏ ପର୍ଯ୍ୟନ୍ତ କୌଣସି ପ୍ରକାର ଆର୍ଥିକ ସହାୟତା ସରକାରଙ୍କ ତରଫରୁ ପାଇ ନାହାନ୍ତି ଶିକ୍ଷକ ବୃତ୍ତିକୁ ଆପଣାଇ । କେତେ ପ୍ରକାର ଶିକ୍ଷକମାନେ ଏବେ ବିଦ୍ୟାଳୟରେ ରହିଛନ୍ତି ।

ସରକାରୀ ଅନୁମୋଦନ ପାଇଥିବା, ନ ପାଇଥିବା ଓ ବାଦ୍ ପଡ଼ିଥିବା ପରି ବିଭକ୍ତିକରଣ ହୋଇଛି । ଯିଏ ପାଇଛି ସିଏ ଆହୁରି କେମିତି ଅଧିକ ପାଇବ, ଯିଏ ପାଇନି ସେ କେମିତି ମେଂଚାଏ ବା ଟେଳାଏ ଆକାରରେ ପାଇବ ଏବଂ ପାଇବାକୁ ହକ୍‌ଦାର୍ ଥିବା ଦଳ କାହିଁ ନ ପାଇଛି ନ ପାଇକି ବାଦ୍ ତାଲିକାରେ ଅଛନ୍ତି ସେଥିପାଇଁ ଆନ୍ଦୋଳନର ପନ୍ଥାମାନେ ରାଜରାସ୍ତାରେ ଚାଲି, ନୀରବ ପ୍ରତିବାଦରେ ପାଟିରେ କଳା କପଡ଼ା ବାନ୍ଧି, ପାଠ୍ୟାନୁଷ୍ଠାନରେ ତାଲା ପକା ଆନ୍ଦୋଳନ, ପରୀକ୍ଷା ସମୟରେ ପରୀକ୍ଷାର ଦାୟିତ୍ୱ ନ ତୁଲାଇବାକୁ ଧମକ ବା ପରୀକ୍ଷାର୍ଥୀମାନଙ୍କ ପରୀକ୍ଷା ଖାତାର ମୂଲ୍ୟାଙ୍କନ ବର୍ଜନକୁ ଗ୍ରହଣ କରିବାର ରାସ୍ତା ଧରିଛନ୍ତି । କେତେବେଳେ ଲହୁ ଲୁହାଣ ହେବାକୁ ପଡ଼ିଛି ତ କେବେ ର୍‍ୟାଲି କରି ଲାଠି ପ୍ରହାର ଖାଇବାକୁ ପଡ଼ିଛି ତ କେତେବେଳେ ରାତିରାତି ଶୀତ କାକରରେ କାଟିବାକୁ ପଡ଼ିଛି ରାଜଧାନୀର ରାଜରାସ୍ତାରେ । କେବେକେବେ ବି ଆନ୍ଦୋଳନ ସଫଳ ହୋଇଛି, କେବେ ଆଂଶିକ ତ କେବେ ସଂପୂର୍ଣ୍ଣ ନାସ୍ତିସୂଚକରେ ଶେଷ ହୋଇଛି ।

ବିଗତ ଦିନରେ ଏକ ଖବରକାଗଜରେ ଏକ ସଂପାଦକୀୟ ଏ ନେଇ ପ୍ରଶ୍ନ ଉତ୍‌ଥାପନ କରିଥିଲା ସେ ବିଷୟରେ ଆମେ ଏ ପର୍ଯ୍ୟନ୍ତ ଅଜ୍ଞ ହୋଇ ରହିଥିଲା ପରି ଲାଗୁଛି- “ଶିକ୍ଷକମାନଙ୍କ (ସବୁ ଶିକ୍ଷକ ଏଥିରେ ଅନ୍ତର୍ଗତ ବିଦ୍ୟାଳୟଠାରୁ ବିଶ୍ୱ ବିଦ୍ୟାଳୟ ପର୍ଯ୍ୟନ୍ତି !) ଦାବିରେ ଆର୍ଥିକ ଉନ୍ନତି ଛଡ଼ା ଶିକ୍ଷାର ଉନ୍ନତି ସଂପର୍କରେ କ’ଣ ଅଛି ? ଆର୍ଥିକ ପ୍ରାପ୍ୟ ପାଇବା ପାଇଁ ଯେପରି ଶିକ୍ଷକ ସଂଗଠନମାନେ ଧାରଣା, ଶୋଭାଯାତ୍ରା ବିକ୍ଷୋଭ ଓ ଶେଷରେ ଧର୍ମଘଟ ପନ୍ଥାର ଆଶ୍ରୟ ନେଉଛନ୍ତି ଏବଂ ଶ୍ରମିକ ସଂଗଠନ ପରି ସାମୂହିକ ମୂଲଚାଲ ମାଧ୍ୟମରେ ନିଜର ଦାବି ହାସଲ କରୁଛନ୍ତି, ସେହିପରି ଶିକ୍ଷାର ମାନ ବୃଦ୍ଧି କରିବା ପାଇଁ ଏହି ପ୍ରକାର ଜିଦ୍ କାହିଁକି ଧରୁନାହାଁନ୍ତ ?”

ଶିକ୍ଷାର ମାନ ବଢ଼ନ୍ତା ଯଦି ଉଚିତ୍ ପ୍ରାପ୍ୟ ପାଆନ୍ତେ ବୋଲି ଅନେକଙ୍କ ମତ । ଉଚିତ୍ ପ୍ରାପ୍ୟ ଯେଉଁମାନେ ପାଉଛନ୍ତି ସେମାନେ ଠିକ୍ ସମୟରେ ଶିକ୍ଷାନୁଷ୍ଠାନକୁ ଆସୁଛନ୍ତି କି ? ସବୁଦିନେ ଠିକ୍ ସମୟରେ ଶ୍ରେଣୀ ନେଉଛନ୍ତି କି ? ଜଣେ ଜଣେ ପରା ଅଛନ୍ତି ପିଲାଙ୍କ ଆଗରେ ବଖାଣୁଛନ୍ତି “ମୋତେ ନେଇ ଶିକ୍ଷାନୁଷ୍ଠାନର ମୁଖିଆ ଗର୍ବିତ କାରଣ ମୋର ପୁଞ୍ଜାଏ ଲେଖା ଗୋଟାଏ ମାସ ଭିତରେ ଅମକ ସମକରେ ବାହୁରୁଛି ଇତ୍ୟାଦି ବୋଲି ।”

ଆଉ କିଏ କହୁଛି “ମୋ ଠାରୁ ଭଲ ପାଠ କେହି ବିକି ପାରୁନାହାଁନ୍ତି । ମୁଁ ଇଂରାଜୀ ବିଭାଗର ଶିକ୍ଷକ ହେଲେ ମଧ୍ୟ

**ଆଚରଣ ଓ ଉଚ୍ଚାରଣ**
**...ଦାସେ...**

ମୋର ଇଂରାଜୀ ଜ୍ଞାନ ଯେମିତି ସାହିତ୍ୟରେ ତ ନ କହିବା ଭଲ କାରଣ ମୋର କେତେ କ’ଣ ପଦ୍ୟାଂଶ ସବୁ ମୁଖସ୍ଥ (ଜାତୀୟ ସଂଗୀତ ମନେ ନ ଥାଉପଛେ !) କଂଠସ୍ଥ ଇତ୍ୟାଦି ।

ଛୋଟିଆ ପ୍ରଶ୍ନଟିଏ ମୋର ଓଡ଼ିଆ ଓ ଇଂରାଜୀର ଶିକ୍ଷକମାନଙ୍କୁ ଯଦି ଓଡ଼ିଆ ଓ ଇଂରାଜୀ ଶିକ୍ଷକ/ଶିକ୍ଷିକାମାନେ ଭଲ ପଢ଼ାଉଛନ୍ତି ତେବେ ଓଡ଼ିଆ ଇଂରାଜୀରେ ଏତେ ଖରାପ ଫଳାଫଳ କାହିଁକି ? କେତେକେତେ ଓଡ଼ିଆ ଓ ଇଂରାଜୀ ଶିକ୍ଷକ/ଶିକ୍ଷିକା ତ ବ୍ୟାକରଣ ବହି ଲେଖି ବ୍ୟାକରଣବିତ୍ ହୋଇଗଲେଣି । ସେମାନେ ଓଡ଼ିଆରେ ଓ ଇଂରାଜୀରେ ପିଲାଙ୍କୁ ଯଦି ପଢ଼ଉଛନ୍ତି ପଣ୍ଡିତ କରି ତେବେ ପିଲାମାନେ ପେଣ୍ଟୁଳି କାହିଁକି ହେଉନାହାଁନ୍ତି ? ଏମାନେ ପଢ଼ାଇଲା ବେଳେ ପିଲାମାନେ ବୁଝୁନାହାଁନ୍ତି କି ? ନା, ଏମାନେ ଠିକ୍ ଭାବରେ ବୁଝେଇ ପାରୁନାହାଁନ୍ତି ? ଦ୍ୱିତୀୟ ନମ୍ବର ପ୍ରଶ୍ନଟି ହିଁ ପ୍ରାୟତଃ ଠିକ୍ ମୋ ବିଚାରରେ ।

ଇଂରାଜୀ ଶ୍ରେଣୀରେ ପଢ଼ାଇ ଭୁଲ୍ ଭାଲ୍ ବ୍ୟାକରଣ କହି ପିଲାଙ୍କ ମୁଣ୍ଡରେ ଯେଉଁ ଇଂରାଜୀ ପ୍ରବେଶ କରି ପାରୁନାହିଁ ବରଂ ସେଭଳି ଇଂରାଜୀ ନ କହି ମାତୃଭାଷାର ସାହାଯ୍ୟ ନିଆଯାଇ ପଢ଼ାଯାଉ । ନ ବୁଝିପାରିଲେ ବରେଣ୍ୟ ନେଲ୍‌ସନ୍ ମାଣ୍ଡେଲାଙ୍କ ଉକ୍ତିକୁ କାମରେ ଲଗାଇଲେ ବୁଝିପାରିବେ ବୋଲି ଆଶା- “ଜଣେ ବ୍ୟକ୍ତିଙ୍କୁ ସେ ବୁଝୁଥିବା ଗୋଟିଏ ଭାଷାରେ କହିଲେ ତାହା ତା’ ମସ୍ତିଷ୍କକୁ ଛୁଏଁ, ମାତ୍ର ତାକୁ ତା ମାତୃଭାଷାରେ କହିଲେ ତାହା ତା ହୃଦୟକୁ ଛୁଏଁ ।” ଘରୋଇପାଠଦାନ ବି ବନ୍ଦ ନାହିଁ ଏ ଶିକ୍ଷକ/ଶିକ୍ଷିକାମାନଙ୍କର ।

ଏମାନେ ଏତେ ଘରୋଇ ପାଠଦାନ କରିବାକୁ ନିଶାଡ଼ି ଯେ ଏମାନେ ଶିକ୍ଷାନୁଷ୍ଠାନ ମଧ୍ୟ ଯାଉନାହାଁନ୍ତି । ଆଜି ଯାଜପୁରରେ ପାଠଦାନ କଲେଣି ତ କାଲି ଚଣ୍ଡିଖୋଲରେ ପଅର ଦିନ କଟକରେ ତା ପରିଦିନ ଆଉ କେଉଁଠାରେ । ସଫଳ, ଗୁଟ୍‌ଖା, ପାନର ତ ବିରତି ନଥାଏ ଏପରିକି ଧଳା ଧଳା ଲମ୍ବା ଟଣାଟଣି ଚିଜ ପର୍ଯ୍ୟନ୍ତ । ଘରୋଇ ପାଠଦାନର ଇଂରାଜି ‘ଟିଉସନ୍’ ଶବ୍ଦର ବନାନ ତ ବହୁତ ଶିକ୍ଷକ/ଶିକ୍ଷିକାମାନଙ୍କୁ ଆସୁନାହିଁ (ପିଲାଙ୍କ କଥା ଛାଡ଼ନ୍ତୁ ! ପିଲାମାନେ ତ ପ୍ରଥମରୁ ‘ଟିଉସନ୍’ ହେଉଛନ୍ତି ଓ ଏମାନେ ତ ‘ଟିଉସନ୍’ ଇଂରାଜୀ ଜାଣିବା ଦିନଠାରୁ କହୁଛନ୍ତି !) ।

ଅନ୍ୟ ବିଭାଗର ଶିକ୍ଷକ/ଶିକ୍ଷିକାମାନେ ଯେ ଯାହାର ଢ଼ଙ୍ଗ ଦେଖେଇବାରେ ବ୍ୟସ୍ତ । କଳା ପାଠ୍ୟକ୍ରମରେ ଇଂରାଜୀ ଶିକ୍ଷକ/ଶିକ୍ଷିକାଙ୍କ ଖାତିର୍ ଯେପରି ବିଜ୍ଞାନ ପାଠ୍ୟକ୍ରମରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଅଙ୍କ ବାଲାଙ୍କ ଖାତିର ସେପରି । ବାଣିଜ୍ୟ ପାଠ୍ୟକ୍ରମର କଥା ନ କହିବା ଭଲ । ଆଉ ବାକି ଯେଉଁମାନେ ରହିଲେ ସମସ୍ତଙ୍କର କିଛି ନା କିଛି ମୁଖ୍ୟ ଧନ୍ଦାକୁ ଛାଡ଼ି ପାର୍ଶ୍ୱ ଧନ୍ଦା କିଛି ଅଛି । କିଏ ଗାଡ଼ି ରେଂଚି ନେଇ ଡ୍ରାଇଭରକୁ ସାହାଯ୍ୟ କରିବା ବ୍ୟାପାରରେ ଚିନ୍ତିତ ତ କିଏ ଟଙ୍କା ଲଗାଣକାରୀ ସଂସ୍ଥାରେ ଅଛନ୍ତି । ଆଉ ଯିଏ ଯାହାବି କରୁ ମୁଖ୍ୟ କଥା ହେଲା ୧୦୦ରୁ ୯୯.୯୯ ଶିକ୍ଷକ/ଶିକ୍ଷିକାଙ୍କର ଶିକ୍ଷାନୁଷ୍ଠାନ ପରେ ପାଠ ଜଗତ ସହ ସଂପର୍କ ରହେନା ଅନ୍ୟ ଯଜମାନି ହେତୁ । ଏମାନେ ତ ଭଲ ପାଇ ବାହା ହେବାର ଜ୍ୱଳନ୍ତ ଉଦାହରଣ ଛାତ୍ରୀ, ଛାତ୍ର କିମ୍ବା ସହପାଠୀ ବା ସହକର୍ମୀକୁ ନେଇ । ଆଜି ପାଇଁ ଏତିକି ଥାଉ । ବେଶୀ ଏମାନଙ୍କ କଥା କୁହା ନ ଯାଉ । ଅନ୍ୟାନ୍ୟ କଥା ପରେ ଆଲୋଚନା କରିବା । *(ସମାପ୍ତ)*




# ଜିଲ୍ଲା କଂଗ୍ରେସ ଭବନରେ ନବ ସଙ୍କଳ୍ପ ଶବିର ଅନୁଷ୍ଠିତ

କେନ୍ଦ୍ରାପଡ଼ା,(ପି.ଏନ): ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ ପକ୍ଷରୁ କଜଳାସ୍ଥିତ କଂଗ୍ରେସ ଭବନ ପରିସରରେ ନବ ସଙ୍କଳ୍ପ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟିର ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ କଂଗ୍ରେସ ଭବନ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଜିଲ୍ଲା କଂଗ୍ରେସ ସଭାପତି ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ସଭାପତିତ୍ୱରେ ନବ ସଙ୍କଳ୍ପ ଶିବିର କର୍ମଶାଳା ଆରମ୍ଭ ହୋଇଥିଲା। ପର୍ଯ୍ୟବେକ୍ଷକ ଶ୍ରୀ ସେଠୀ ଭାରତୀୟ ଜାତୀୟ କଂଗ୍ରେସ ଚିନ୍ତନ ଶିବିରରେ ଆଲୋଚିତ ଓ ପାରିତ ହୋଇଥିବା ସଙ୍କଳ୍ପ ଉପରେ ବିଷଦ ଭାବେ ଆଲୋଚନା କରିଥିଲେ।




ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରାଙ୍କ ଦ୍ୱାରା ଆଗତ ପ୍ରସ୍ତାବ କ୍ରମେ କେନ୍ଦ୍ର ସରକାର ଯେଉଁଭଳି ଆକ୍ରୋଶ ମୂଳକ ଭାବେ ରାହୁଳ ଗାନ୍ଧୀଙ୍କୁ ଇଡି ଦ୍ୱାରା ଜେରା କରାଇବାର ପ୍ରୟାସ କରିଛନ୍ତି ତାହାକୁ ଏହି ସଙ୍କଳ୍ପ ଶିବିରରେ ଘୋର ନିନ୍ଦା କରାଯାଇଥିଲା। କଂଗ୍ରେସ କର୍ମୀମାନେ ଏକଜୁଟ ହୋଇ କାର୍ଯ୍ୟ କଲେ ଆଗାମୀ ୨୦୨୪ ନିର୍ବାଚନରେ କଂଗ୍ରେସର ବିଜୟ ସୁନିଶ୍ଚିତ ବୋଲି କହିଥିଲେ। ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ନିଜ ବକ୍ତବ୍ୟରେ ଗ୍ରାମାଞ୍ଚଳ ଓ ବୁଥ ସ୍ତରର ସମସ୍ତ କର୍ମୀ ଆତ୍ମ ସମୀକ୍ଷା କରିବା ସହ ନିଜ ନିଜ ବୁଥ ସ୍ତରରେ କଂଗ୍ରେସର ଭୋଟ ବୃଦ୍ଧି କରିବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲା ସ୍ତରର ସମସ୍ତ ନେତୃମଣ୍ଡଳୀ ବ୍ଲକ ସ୍ତରରେ ହେଉଥିବା କର୍ମୀ ଉତ୍ପୀଡନ ଉପରେ ନଜର ରଖିଲେ କର୍ମୀମାନଙ୍କର ମନୋବଳ ବୃଦ୍ଧି ପାଇବ ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଲୋକସଭା ପ୍ରାର୍ଥୀ ଧରଣୀଧର ନାୟକ, ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ହଳଧର ସେଠୀ, ଜୟନ୍ତ ମହାନ୍ତି, ରତିକାନ୍ତ କାନୁନଗୋ, ରାକେଶ ମହାନ୍ତି, ସତ୍ୟପ୍ରିୟ ସାମଲ, ପରଭେଜ ଅକ୍ତର, ଜିଲ୍ଲାର ସମସ୍ତ ବ୍ଲକ ଓ ନଗର କଂଗ୍ରେସ ସଭାପତି, ମଙ୍ଗୁଳି ଚରଣ ବେହେରା, ମଳୟ ଦାସ, ଦେବେନ୍ଦ୍ର ଜେନା, ରବିନାରାୟଣ ବେହେରା, ଜ୍ୟୋତିରଞ୍ଜନ ପରିଡା, ରାଜେଶ ମହାନ୍ତି, କବିନ୍ଦ୍ର ସାମଲ, ଉମେଶ ତ୍ରିପାଠୀ, ଅମୂଲ୍ୟ ପ୍ରଧାନ ନିଜ ନିଜ ଅଞ୍ଚଳର ସାଂଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀ କାନୁନଗୋ, ମହମ୍ମଦ ଆକବର ଅଲ୍ଲୀ, ଫକିର ଚରଣ ଖଟୁଆ, ବାବୁରାମ ଜେନା, ସଞ୍ଜୟ ରାଉତ, କୁମାର ଚନ୍ଦ୍ର ବଳ, ରମାକାନ୍ତ ଦାଶ, ରଞ୍ଜନ ମହାନ୍ତି, ରଘୁନାଥ ଶତପଥୀ, ସନ୍ଧ୍ୟାରାଣୀ ଦାସ, ମହେନ୍ଦ୍ର ପରିଡା, ସର୍ବେଶ୍ୱର ସେଠୀ, ସୁଖଦାନନ୍ଦ ପ୍ରଧାନ, ସୌମେନ୍ଦ୍ର ପୃଷ୍ଟି, ହିବଜୁର ରହେମାନ, ମୀର ମୁର୍ଶିଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ନବ ସଙ୍କଳ୍ପ ପତ୍ର ବରିଷ୍ଠ ଉପସଭାପତି ପ୍ରଫୁଲ୍ଲ ଦାସ ପାଠ କରିଥିବା ବେଳେ ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ସେଲ ଅଧକ୍ଷ ସୟଦ ଅବଦୁଲ ସତ୍ତାର ଧନ୍ୟବାଦ ଅର୍ପଣ କରିଥିଲେ।

# ମାଇଁ ଏନସିସି ଆଲୁମିନି ଆସୋସିଏସନର ରଜମଉଜ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏନସିସି ଆଲୁମିନି ଆସୋସିଏସନ ପକ୍ଷରୁ ଚଳିତ ବର୍ଷ ରଜମଉଜ ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳରେ ଓଡିଶାର ଗଣପର୍ବ 'ରଜ' ଏବେ ବିଲୁପ୍ତ ହେବାକୁ ଯାଉଛି। ଓଡିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଉଦଯିବିତ କରି ରଖାଯିବା ପାଇଁ ଏଭଳି କାର୍ଯ୍ୟକ୍ରମର ଆୟୋଜନ ଏହାର ମୁଖ୍ୟ ଲକ୍ଷ୍ୟ। କେନ୍ଦ୍ରାପଡା କଲେଜ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କଲେଜ ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଜ୍ଞାନେନ୍ଦ୍ର ଦାଶ, ଅଧ୍ୟାପକ ପ୍ରଭାକର ମଲ୍ଲିକ, ପ୍ରାକ୍ତନ ଅଧ୍ୟାପକ କୈଳାସ ଚନ୍ଦ୍ର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସହର ଏବଂ ସହର ଆଖପାଖ ଅଞ୍ଚଳର ବହୁ ଯୁବକ ଓ ଯୁବତୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରମ୍ପରିକ ଭାବେ ରଜଦୋଳି, ରଜପାନ, ପୁଚିଖେଳ, ତାସଖେଳ, କ୍ୟାରାମଖେଳ, ମ୍ୟୁଜିକଚେୟାର, ସଂଗୀତ, ନୃତ୍ୟ, ହୁଳହୁଳି ପ୍ରତିଯୋଗିତାମାନ ଆୟୋଜନ କରାଯିବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ କଲେଜ ଏନସିସି ବାଳିକା ବିଭାଗର ଛାତ୍ରୀମାନେ ଏବଂ ମାଇଁ ଏନସିସି ଆଲୁମିନି ଆସୋସିଏସନର ସମସ୍ତ ସଦସ୍ୟମାନେ ଯୋଗଦେଇ ଏହି କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ। ଆଗାମୀ ଦିନରେ କିଭଳି ଏହି କାର୍ଯ୍ୟକ୍ରମକୁ ଆହୁରି ସରସ ଓ ସୁନ୍ଦର କରାଯିବା ସହ ବଡ ଆକାରରେ ଆୟୋଜନ କରାଯିବାକୁ ଆସୋସିଏସନ ଲକ୍ଷ୍ୟ ରଖିଥିବା ସାଧାରଣ ସମ୍ପାଦକ ଚିନ୍ମୟ କୁମାର ବିଶ୍ୱାଳ କହିଛନ୍ତି।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, "ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ୍ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ପ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର୍, ଏଲ୍- ସେପ୍ ଏଲ୍‌ଇଡି ଡେଟାଇମ୍ ରନିଙ୍ଗ୍ ଲାଇଟସ୍ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର୍, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ୍ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ଷଙ୍କକ୍ଷୱ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ୍ୟ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ। ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା ଋଷୀ ଗୋଷ୍ଠୀରେ ଭବିଷ୍ୟତ ବିକାଶ ପ୍ରକଳ୍ପ ଲାଗି ପଥ ପ୍ରଦର୍ଶକ ହେବ ଏବଂ ଏକ ଆଶାର କୀରଣ ଜାଗ୍ରତ କରିବ ଯେ ପରିବେଶ ଓ ସାମାଜିକ ଦାୟିତ୍ୱବାନ ଫେସନ୍ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରି ଏହି ମହାମାରୀରୁ ବାହରିବା ଲାଗି ଫେସନ୍ ଶିଳ୍ପ ନିଷ୍ପତି ନେଇପାରିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷୱ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ୍) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷୱ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷୱ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।




# ମାନସିକ ଭାରସାମ୍ୟ ହରାଇ ଶିକ୍ଷକଙ୍କ ଆତ୍ମହତ୍ୟା



ଖୋର୍ଦ୍ଧା,(ପିଏନ): ବେଗୁନିଆ ସଦର ମହକୁମାର ଥାନା ନିକଟରେ ଏକ ଭଡା ଘରେ ରହି ବାଣପୁର ବ୍ଲକର ବାଲେଡି ଗ୍ରାମର ସ୍ୱର୍ଗତ ସୁବାସ ଚନ୍ଦ୍ର ସେଠୀଙ୍କ ପୁତ୍ର ଅମରନାଥ (୩୦) ଟାଙ୍ଗୀ ବ୍ଲକ ଅନ୍ତର୍ଗତ ନରମାନବୀ ବିଦ୍ୟାଳୟରେ ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ । ଏ ନେଇ କୌଣସି ଏକ କାରଣକୁ ନେଇ ଚାକିରୀରୁ ବହିଷ୍କାର ହୋଇଥିବାରୁ ଗତକାଲି ବିଳମ୍ବିତ ରାତିରେ ମାନସିକ ଭାରସାମ୍ୟ ହରାଇ ଘର ଭିତରେ ଥିବା ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିବା ସହ ନିଜେ ଏକ ଆତ୍ମହତ୍ୟା କରିବାର କାରଣ ସମ୍ପର୍କରେ ଲିଖିତ କପି ଲେଖିକରି ରଖିଥିଲେ । ପରିବାରର ସଦସ୍ୟ ଗୁରୁବାର ସକାଳୁ ଉଠି ଘଟଣା ସମ୍ପର୍କରେ ଥାନାକୁ ଜଣାଇବାରୁ ପୋଲିସ ପହଂଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

## ଦେଶି ମଦ ଚାଲାଣ ବେଳେ ଚଢଉ, ଜଣେ ଗିରଫ

ଜୟପୁର, (ପି.ଏନ): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢଉ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ବି. ମାଳିଗୁଡାର ପ୍ରଭାସ ସାହୁ । ଦେଶି ମଦ ଚାଲାଣ କରୁଥିବା ବେଳେ ଜୟପୁର ଅବକାରୀ ବିଭାଗ ସୂଚନା ପାଇ ଚଢଉ କରିଛି । ଘଟଣାରେ ପ୍ରଭାସ ସାହୁକୁ ଗିରଫ କରି ତା ଠାରୁ ୧୦ ଲିଟର ଦେଶି ମଦ ଜବତ କରିଛି । ଅଭିଯୁକ୍ତ ପ୍ରଭାସକୁ କୋର୍ଟଚାଲାଣ କରିଛି ।

# ‘ସ୍ୱରୂପ’ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ




କେନ୍ଦୁଝର, (ପି.ଏନ): ‘ସ୍ୱରୂପ’ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ହରିଚନ୍ଦନପୁର ବ୍ଲକର ତମ୍ବାହରା ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ତା ୧୫.୦୬.୨୦୨୨ରିଖ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପିଠାଗୋଳା ଗ୍ରାମ ପଂଚାୟତର ଯୁବ ସରପଂଚ ଶ୍ରୀଯୁକ୍ତ ଦିଗାମ୍ବର ନାୟକ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀଯୁକ୍ତ ନାୟକ ଉଦ୍‌ବୋଧନ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରସ୍ପର ମଧ୍ୟରେ ଏକତା ଓ ଭାଇଚାରା ପ୍ରତିଷ୍ଠା କରିବାର ଏକ ବଳିଷ୍ଠ ମାଧ୍ୟମ ବୋଲି ଦର୍ଶାଇବା ସହିତ ସ୍ୱରୂପ ଅନୁଷ୍ଠାନର ଏପରି ପ୍ରୟାସକୁ ଭୂୟସି ପ୍ରଶଂସା କରିଥିଲେ । କଳାକାର ମାନଙ୍କ ମଧ୍ୟରେ ଲୁଚି ରହିଥିବା ଅର୍ନ୍ତନିହିତ ପ୍ରତିଭାର ବିକାଶରେ ଏହି ଅନୁଷ୍ଠାନ ଅଗ୍ରଣୀ ଭୂମିକା ନିଭାଉଥିବାରୁ ସାଧୁବାଦ୍ ଜଣାଇଥିଲେ । ଏତଦ୍‌ବ୍ୟତୀତ ଗାଁ ଗହଳିରେ ଲୁଚି ଯାଉଥିବା ବିଭିନ୍ନ ଲୋକକଳା ଓ ଲୋକନୃତ୍ୟକୁ ପୁର୍ନଉଦ୍ଧାର କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ, ସମ୍ବଲପୁରୀ ନୃତ୍ୟ, ସାଦ୍ରି, ଭୋଜ୍‌ପୁରୀ, ସାନ୍ତାଳି, ଓଡିଶୀ ଏବଂ ଝୁମର ଇତ୍ୟାଦି ଲୋକନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ମାଷ୍ଟର ବିଜୟ କୁମାର ପାତ୍ର, ଲୁଲୁ ମହାନ୍ତ, ଚକ୍ରଧର ପାତ୍ର, ଟୀକି ମୁଣ୍ଡା, ଚିନୁ ପାତ୍ର, ବର୍ଷା ମହାରଣା, ଲକ୍ଷ୍ମୀପ୍ରିୟା ସାହୁ ପ୍ରଭୃତିଙ୍କ ନୃତ୍ୟ ପରିବେଷଣରେ ଦର୍ଶକ ବିଭୋର ହୋଇଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଲକ୍ଷ୍ମୀଧର ପାତ୍ର ସଭାପତିତ୍ୱ କରିଥିବାବେଳେ ସଂପାଦିକା ଜ୍ୟୋତ୍ସ୍ନାରାଣୀ ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ଅନୁଷ୍ଠାନର ସଭ୍ୟ ଶ୍ରୀ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏତଦ୍‌ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ମୁଣ୍ଡା, ରାମଚନ୍ଦ୍ର ମୁଣ୍ଡା, ବିସ୍କର ମୁଣ୍ଡା, କ୍ଷମାଳି ପାତ୍ର, ଶ୍ରୀଧର ମହାନ୍ତ, ସୁଶାନ୍ତ ମହାନ୍ତ, ମଙ୍ଗଳି ପାତ୍ର ଓ ଚଗୁଲୁ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ୧୭ ତମ ଶ୍ରାଦ୍ଧବାର୍ଷିକୀ

ଖୋର୍ଦ୍ଧା,(ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ୧୭ ତମ ଶ୍ରାଦ୍ଧବାର୍ଷିକୀ ସଂପୃକ୍ତ ବିଦ୍ୟାଳୟ ପରିସରରେ ପାଳନ କରାଯାଇଥିଲା । ଏ ନେଇ ସ୍ୱର୍ଗତଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ସ୍ୱର୍ଗତଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଂଟନ ହୋଇଥିଲା । ଏଥିରେ ପରିଚାଳନା କମିଟିର ସଭାପତି ବଂଶୀଧର ପାଣିଗ୍ରାହୀ, ସହକାରୀ ଶିକ୍ଷକ ବିଜୟ କୁମାର ମହାପାତ୍ର, ନାରାୟଣ ମାନସିଂହ ଓ ସାମ୍ବାଦିକ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ ।

# କ୍ରିଷ୍ଟୋନ୍ ରିଅଲଟର୍ସ ଲିମିଟେଡ୍ ପକ୍ଷରୁ ସେବି ନିକଟରେ ଡିଆର୍‌ଏଚ୍‌ପି ଦାଖଲ

ଭୁବନେଶ୍ୱର,(ପି.ଏନ): ରୁସ୍ତମ୍‌ଜୀ ବ୍ରାଣ୍ଡ୍ ନାମରେ କାରବାର କରୁଥିବା ରିଅଲ ଇଷ୍ଟେଟ୍ ସଂସ୍ଥା କିଷ୍ଟୋନ୍ ରିଅଲଟର୍ସ ଲିମିଟେଡ୍ ବଜାର ନିୟାମକ ସଂସ୍ଥା ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ ( ଡିଆର୍‌ଏଚ୍‌ପି) ଦାଖଲ କରିଛି । କିଷ୍ଟୋନ ରିଅଲଟର୍ସ ହେଉଛି ଏକ ପ୍ରମୁଖ ରିଅଲ ଇଷ୍ଟେଟ୍ ଡେଭେଲପର । ୧୯୯୫ରେ ଆରମ୍ଭ ହେବା ପରଠାରୁ ଏହା ଗ୍ରାହକ ସନ୍ତୁଷ୍ଟି, ଗୋଷ୍ଠୀ ଗଠନ ଓ ସ୍ଥାନକୁ ସମୃଦ୍ଧ କରିବା ଲାଗି ଉଦ୍ୟମ କରୁଛି ଯାହା ଗ୍ରାହକଙ୍କୁ ଉତ୍କୃଷ୍ଟ ଜୀବନଶୈଳୀ ପ୍ରଦାନ କରୁଛି । ବହୁ ଉଚ୍ଚ ମାନର କୋଠା, ଫାଟକ ଥିବା କମ୍ୟୁନିଟି ଓ ଟାଉନ୍‌ସିପ୍ ହସ୍ତାନ୍ତର କରିବାର ଟ୍ରାକ୍ ରେକର୍ଡକୁ ନେଇ ରୁସ୍ତମଜୀ ବ୍ରାଣ୍ଡ୍ ଗ୍ରାହକମାନଙ୍କ ମଧ୍ୟରେ ଏକ ଗୁଣାତ୍ମକ ସେବା ପ୍ରଦାନ କରିବାର ବିଶ୍ୱାସଯୋଗ୍ୟ ବ୍ରାଣ୍ଡ୍ ଭାବେ ପରିଚିତ ରହିଛି । ଏମ୍‌ଏମ୍‌ଆର୍ ବଜାରରେ ଅଭିଜ୍ଞତା ଓ ଏଥିପାଇଁ ଦରକାର କୌଶଳକୁ ହାସଲ କରି ଏହା ଉପଯୁକ୍ତ ସ୍ଥାନ ବିକଶିତ କରୁଛି ଯେଉଁଥିରେ ଗୋଷ୍ଠୀ ଆହୁରି ସମୃଦ୍ଧ ହୋଇପାରିବ । ୨୦୨୨ ମାର୍ଚ୍ଚ ୩୧ ସୁଦ୍ଧା କଂପାନି ୩୨ଟି ପ୍ରକଳ୍ପ ଶେଷ କରିଥିବା ବେଳେ ଏହାର ୧୨ଟି ପ୍ରକଳ୍ପ ଜାରି ରହିଛି ଏବଂ ମୁମ୍ବାଇ ମେଟ୍ରୋପଲିଟାନ ବଜାରରେ ଆଉ ୧୯ଟି ପ୍ରକଳ୍ପ ଆସିବାର ଅଛି ଯେଉଁଥିରେ ସୁଲଭ, ମଧ୍ୟମ, ଉଚ୍ଚ, ଅଭିଳାଷପୂର୍ଣ୍ଣ, ପ୍ରିମିୟମ୍ ଓ ସୁପର ପ୍ରିମିୟମ୍ ବର୍ଗ ରହିଛି । ସେମାନେ ୨୦.୦୫ ନିୟୁତ ବର୍ଗଫୁଟର ଉଚ୍ଚ ମୂଲ୍ୟର ଏବଂ ସୁଲଭ ଆବାସିକ କୋଠା, ଗେଟେଡ୍ କମ୍ୟୁନିଟି ଇଷ୍ଟେଟ୍, ଟାଉନ୍‌ସିପ୍, କର୍ପୋରେଟ୍ ପାର୍କ, ରିଟେଲ୍ ସ୍ଥଳ, ସ୍କୁଲ ଓ ଆଇକନିକ୍ ଲ୍ୟାଣ୍ଡ୍‌ମାର୍କ ସୃଷ୍ଟି କରିଛନ୍ତି । ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଜରିଆରେ କଂପାନି ୮,୫୦୦ ନିୟୁତ ପର୍ଯ୍ୟନ୍ତ ଟଙ୍କା ହାସଲ କରିବାକୁ ଯୋଜନା ରଖିଛି ।

# ରଜ ଉତ୍ସବ ତୃତୀୟ ଦିବସ, ମା’ ଭଗବତୀ ପୀଠ ଲୋକାରଣ୍ୟ



କୋଣାର୍କ,(ପି.ଏନ): ଓଡ଼ିଶାର ପ୍ରାଚୀନ ସଂସ୍କୃତିର ସ୍ମୃତି ବହନ କରୁଥିବା ରଜପର୍ବର ପୂର୍ବ ମହକ ଆଉ ନ ଥିବା ବେଳେ ବିଗତ ୨୨ ବର୍ଷ ଧରି କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆର୍କଶ୍ରୀ ପକ୍ଷରୁ ଚଳିତ ବର୍ଷ ଆୟୋଜିତ ହେଉଛି ୨୩ତମ ରଜ ଉତ୍ସବ । ପାଶ୍ଚାତ୍ୟ ସଂସ୍କୃତିର କୁପ୍ରଭାବରେ ଏବେ ଗ୍ରାମାଞ୍ଚଳମାନଙ୍କରେ ରଜ ପର୍ବର ସ୍ମୃତି ହଜିଯାଉଥିବା ବେଳେ କୋଣାର୍କ ସ୍ଥିତ ମା’ ଭଗବତୀଙ୍କ ପୀଠରେ ଅର୍କଶ୍ରୀ ପକ୍ଷରୁ ଆୟୋଜିତ ଚାରିଦିନା ରଜ ଉତ୍ସବ ମହା ସମାରୋହରେ ପାଳିତ ହୋଇଛି । ଉତ୍ସବର ବିଭିନ୍ନ ଦିବସରେ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସଭାରେ ଅତିଥିମାନେ ଯୋଗ ଦେଇଆମ ଓଡିଶାର ପରମ୍ପରା ଓ ସଂସ୍କୃତି ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରିଥାଏ ବୋଲି ଅତିଥିମାନେ ମତପୋଷଣ କରିଥିଲେ । ରଜ ଉତ୍ସବର ଆଜି ତୃତୀୟ ଦିବସରେ ଆବାଳ ବୃଦ୍ଧ ବନିତା ସମବେତ ହୋଇଥିଲେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ମା’ ଭଗବତୀଙ୍କ ପୀଠରେ । ଏଠାରେ ଥିବା ବିଶାଳକାୟ ବଟବୃକ୍ଷର ଶାଖା ପ୍ରଶାଖାରେ ଝୁଲୁଥିବା ଦୋଳିରେ ଖେଳିଥିଲେ ଝିଅ ବୋହୁମାନେ । ଅସହ୍ୟ ଗରମ ହେଉଥିଲେ ମଧ୍ୟ ତିନି ଦିନ ଧରି ଉତ୍ସବ ସ୍ଥଳିରେ ସମବେତ ହୋଇଥିଲେ ଆବାଳବୃଦ୍ଧବନିତା । ବିଭିନ୍ନ ପ୍ରକାର ରଜଗୀତ ବୋଲି ଝୁଲିଥିଲେ ରଜ ଦୋଳିରେ । ମହିଳା ଓ ଯୁବତୀମାନେ ପରସ୍ପରକୁ ଅଳତା ଲଗାଇ ରଜସଜବାଜ ହୋଇଥିଲେ । ଉତ୍ସବସ୍ଥଳୀରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ପିଠା, ମୁଢ଼ି ଓ ରଜପାନର ଆସର ଜମିଥିଲା । ରଜ ସଂକ୍ରାନ୍ତି ଅବସରରେ ବିଭିନ୍ନ ପ୍ରକାର ପାରମ୍ପରିକ ପ୍ରତିଯୋଗୀତା ହୁଳହୁଳି, କାନ୍ଦଣା, ଝୋଟି, ତାସ, ଲୁଡୁ, ମେହେନ୍ଦି, ପୁଚି, ନଡ଼ିଆ ଲଢ଼େଇ ପ୍ରଭୃତି ଆୟୋଜିତ ହୋଇ ଉତ୍ସବ ସ୍ଥଳୀକୁ ରଜମୌଜରେ ଉଲ୍ଲସିତ କରିଥିଲା । ବିଭିନ୍ନ ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା କୃତି ପ୍ରତିଯୋଗୀ ମାନଙ୍କୁ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଉତ୍ସବର ଶେଷ ଦିବସରେ ସମ୍ମାନିତ କରାଯିବ । ଏହି ଅବସରରେ ଦିନତମାମ ବିଭିନ୍ନ ସାଂସ୍କୃତିକ ଦଳମାନଙ୍କ ପକ୍ଷରୁ ଗୋଟିପୁଅ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଓଡ଼ିଶୀ ନୃତ୍ୟ, ଶଙ୍ଖ ବାଦନ, ପ୍ରବଚନ, ମ୍ୟାଜିକ ସୋ କବିତା ପାଠ ଭଜନ ସମେତ ବିଭିନ୍ନ ପ୍ରକାର ସଚେତନ ଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ନେତା, ମନ୍ତ୍ରୀ, ପ୍ରଶାସକ, ରାଜ୍ୟ ଓ ରାଜ୍ୟ ବାହାରର କୋଣ ଅନୂକୋଣରୁ ଆସିଥିବା ପର୍ଯ୍ୟଟକମାନେ ବି ନିଜକୁ ହଜାଇ ଦେଇଥିଲେ ଏହି ରଜ ଉତ୍ସବରେ । ସନ୍ଧ୍ୟାରେ ଅର୍କଶ୍ରୀର ସମ୍ପାଦକ ଉମେଶ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟେଜିତ ସଭାରେ ଗୋପ ବ୍ଲକ ଉପାଧ୍ୟକ୍ଷା ବନରଞ୍ଜନ ପଟ୍ଟନାୟକ, ଗୋପ ବ୍ଲକର ପୂର୍ବତନ ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ପରିଡା, ସାମଜସେବୀ ପ୍ରଫୁଲ୍ଲ ପାତ୍ର, ବାନର ସେନାର ସମ୍ପାଦକ ପ୍ରକାଶଚନ୍ଦ୍ର ଖଟୋଇ, କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବିନ୍ଦ୍ରନାଥ ବାହିନୀପତି ପ୍ରମୁଖ ଯୋଗ ଦେଇ ରଜର ଐତିହ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏହି ରଜ ଉତ୍ସବରେ ନାହିଁ ନଥିବା ଭିଡ଼ ପରୀଲକ୍ଷିତ ହୋଇଥିଲେ ମଧ୍ୟ ଶାନ୍ତି ଶୃଙ୍ଖଳା ବଜାୟାୟୀ ରହିଥିଲା । ପୁଲିସ ପ୍ରସାଶନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା । ରଜ ଉତ୍ସବର ଚତୁର୍ଥ ଦିବସରେ ବସୁମତୀ ଗାଧୁଆ ପର୍ବ ଆୟୋଜିତ ହେବ । “ଏହା କେବଳ ଏକ ଉତ୍ସବ ନୁହେଁ । ମହିଳା ସଶକ୍ତୀକରଣ, ପରିବେଶ ସୁରକ୍ଷା, ସାମାଜିକ ସଚେତନତା ଏବଂ ଉତ୍କଳୀୟ କଳା, ସଂସ୍କୃତି ତଥା ପରମ୍ପରାର ସୁରକ୍ଷା ଦିଗରେ ଏକ ଆନ୍ଦୋଳନ” ବୋଲି ରଜଉତ୍ସବ ଆୟୋଜକ ଅର୍କଶ୍ରୀ ସଂପାଦକ ଉମେଶ ସ୍ୱାଇଁ କହିଛନ୍ତି । ତିନିଦିନ ଧରି ରଜଉତ୍ସବର ସାଂସ୍କୃତିକ ମଞ୍ଚର କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ ରାଉତ ସଞ୍ଚାଳନ କରିଥିବା ବେଳେ ଅର୍କଶ୍ରୀର ସମସ୍ତ ସଭ୍ୟସଭ୍ୟା ରଜଉତ୍ସବକୁ ପରିଚାଳନା କରୁଛନ୍ତି ।

# ଜେଏସପିଏଲ ଫାଉଣ୍ଡେସନପକ୍ଷରୁ ରଜ ପର୍ବ ଗୋଷ୍ଠୀ ସମୁଦାୟଙ୍କ ସହ ପାଳିତ



ଅନୁଗୋଳ,(ପି.ଏନ): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସପିଏଲ ଫାଉଣ୍ଡେସନ ପକ୍ଷରୁ ରଜ ପର୍ବ ସ୍ଥାନୀୟ ପାର୍ଶ୍ୱବର୍ତୀ ଗ୍ରାମର ଗୋଷ୍ଠୀ ସମୁଦାୟଙ୍କ ସହ ପାଳନ କରାଯାଇଅଛି । ଏହି ଉତ୍ସବକୁ ଅତ୍ୟନ୍ତ ରୋମାଞ୍ଚ ଏବଂ ମନୋରଞ୍ଜନ ଧର୍ମୀ କରିବା ଉଦ୍ଦେଶ୍ୟରେ ଜେଏସପିଏଲ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ ସୁସଜ୍ଜିତ ଦୋଳି ସାଙ୍ଗକୁ ବାଳିକା ଏବଂ ମହିଳାଙ୍କ ନିମନ୍ତେ ସ୍ୱତନ୍ତ୍ର କ୍ରୀଡା ଭିତ୍ତିକ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଏହି ତ୍ରୀ ଦିବସୀୟ କାର୍ଯ୍ୟକ୍ରମରେ ବିଭିନ୍ନ ପାରମ୍ପରିକ ଖାଦ୍ୟ ଉତ୍ସବ ସ୍ଥଳରେ ପ୍ରସ୍ତୁତ କରଯାଇଥିଲା । ଏହି ପବିତ୍ର ଉତ୍ସବ ଅବସରରେ, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ଆନୁଗୋଳ ପ୍ଲାଣ୍ଟ ମୁଖ୍ୟ ଶ୍ରୀ ହୃଦୟେଶ୍ୱରଝା ଗ୍ରାମବାସୀଙ୍କୁ ନିଜର ଶୁଭେଚ୍ଛା ଜଣାଇବା ସହ ପ୍ରକାଶ କରିଥିଲେ ଯେ, ଓଡିଶାର ରଜ ପର୍ବ ହେଉଛି ଏକ ଅନନ୍ୟ କୃଷି ଭିତ୍ତିକ ପର୍ବଯାହାକି ମାଟି ମା’ର କୃପା ନିମନ୍ତେ ପାଳନ କରାଯାଇଥାଏ କ୍ଷ ଓଡିଶା ଏକ ମାତ୍ର ସ୍ଥାନ ଯେଉଁଠାରେ ମାଟି ମା’ କୁ ଏହି ସୁନ୍ଦର ପର୍ବ ମାଧ୍ୟମରେ ତିନି ଦିନର ବିରାମ ଦେବା ସହ ଆଗାମୀ ଦିନରେ ଉତ୍କୃଷ୍ଟ ଫସଲର ଆଶା କରାଯାଇଥାଏ କ୍ଷମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି ଯେ, ଚଳିତ ବର୍ଷ ଭଲ ମୋସୁମୀ ହେଉ ଏବଂ ସମସ୍ତଙ୍କ ମଙ୍ଗଳ ହେଉ” । ଏଥି ସହିତ କିଶୋରୀ ବାଳିକା, ମହିଳା , ସ୍ଥାନୀୟ ସରପଞ୍ଚ ଏବଂ ଗ୍ରାମର ମୁଖିଆ ମାନେ ସ୍ଥାନୀୟ ସଂସ୍କୃତି ଏବଂ ପ୍ରଥାକୁ ସମ୍ମାନ ଜଣାଇବା ସହଏହି ଉତ୍ସବରେ ସାମିଲ ହୋଇଥିଲେ । ଏହି ଉତ୍ସବରେ ଯୋଗଦେଇ, ସ୍ଥାନୀୟ ଜରଡା ପଞ୍ଚାୟତର ସରପଞ୍ଚ ଶ୍ରୀ ରତ୍ନାକର ଦାସ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ସାମାଜିକ ଦାୟିତ୍ୱବୋଧ ଶାଖା ଭାବେ କାର୍ଯ୍ୟ କରୁଥିବା ଜେଏସପିଏଲ ଫାଉଣ୍‌ଡେସନର ଏହି ପ୍ରୟାସକୁ ପ୍ରଶଂସା କରିବା ସହ କହିଥିଲେ ଯେ, ଏହିପରି ଏକାଠି ଉତ୍ସବ ପାଳନ କରିବା ଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ସଦଭାବ ଏବଂ ଭାଇଚାରା ବଜାୟ ରହିବ । ଜେଏସପିଏଲ ଫାଉଣ୍ଡେସନପକ୍ଷରୁ ଆୟୋଜିତ ହୋଇଥିବା ଏହି ରଜ ଉତ୍ସବ କାର୍ଯ୍ୟକ୍ରମରେ ଏକ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେବା ସହ ଏହାର ଆନନ୍ଦ ଉଠାଇ ଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference

- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




Bhubaneswar Friday June 17, 2022 | ଭୁବନେଶ୍ୱର ଶୁକ୍ରବାର, ଜୁନ ୧୭,୨୦୨୨ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# କଳାହାଣ୍ଡିରେ କିସ୍‌ର ଶାଖା: ୧୭ରେ କିସ-କଳାହାଣ୍ଡି ଆବାସିକ ବିଦ୍ୟାଳୟ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,(ପି.ଏନ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଅନ୍ତର୍ଗତ ବାଦିଲିଠାରେ ୫୦କୋଟି ଟଙ୍କା ବ୍ୟୟରେ ନିର୍ମିତ କିସ୍‌ର ନୂତନ ଶାଖା କିସ୍- କଳାହାଣ୍ଡିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଉଦ୍‌ଘାଟନ କରିବେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା, ରାଜ୍ୟସଭା ସାଂସଦ ସୁଜିତ୍ କୁମାର,କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଓ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିସାରୀ ପ୍ରମୁଖ ଯୋଗଦେବେ। ୧୦ଏକର ଜମିରେ ନିର୍ମିତ ଏହି ବିଦ୍ୟାଳୟ ପାଇଁ ଜମି କ୍ରୟଠାରୁ ଆରମ୍ଭ କରି ଭିତ୍ତିଭୂମି ବିକାଶ, ସବୁଜ ବଳୟ ସୃଷ୍ଟି, ପାଚେରୀ ନିର୍ମାଣ, ମେକାନାଇଜଡ଼ ରୋଷଶାଳା, ୨୫ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ଆସବାବପତ୍ର ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମେତ ଭିତ୍ତିଭୂମି ନିର୍ମାଣରେ ମୋଟ ୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସମସ୍ତ ଅର୍ଥ କିଟ୍ ପକ୍ଷରୁ ଯୋଗାଇ ଦିଆଯାଇଛି। ସୂଚନାଯୋଗ୍ୟ, ବିଭିନ୍ନ ଜିଲ୍ଲାରେ ଗରିବ ପିଲାଙ୍କୁ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ କିସ୍ ଆହୁରି ଶାଖା ଖୋଲିବାର ଯୋଜନା ରଖିଛି। ଏହା ପୂର୍ବରୁ ଓଡିଶାର ବଲାଙ୍ଗୀର ଓ ମୟୁରଭଞ୍ଜରେ କିସ୍‌ର ଶାଖା ଖୋଲାଯାଇଥିବା ବେଳେ ଗତ ୧୩ ତାରିଖ ଦିନ କିସ୍‌ର ବାଲେଶ୍ୱର ଶାଖା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ୧୯୯୨ରେ କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଦୀର୍ଘ ୩୦ ବର୍ଷ ଧରି ଶିକ୍ଷା ମାଧ୍ୟମରେ ଜନଜାତିଙ୍କ ସଶକ୍ତିକରଣ କରିଆସୁଛି। କିସ୍-କଳାହାଣ୍ଡି ଆବାସିକ ବିଦ୍ୟାଳୟରେ ପ୍ରଥମ ପର୍ଯ୍ୟାୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ କଳାହାଣ୍ଡି ଜିଲ୍ଲାର ୧୨ଶହ ଗରିବ ଓ ଅବହେଳିତ ଜନଜାତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ କରାଯିବ। ପାଠ ପଢ଼ା ବ୍ୟତୀତ ଏଠାରେ ଛାତ୍ରଛାତ୍ରୀଙ୍କୁ ଅନ୍ୟାନ୍ୟ କ୍ଷେତ୍ର ବିଶେଷ କରି ଉନ୍ନତ ମାନର କ୍ରୀଡ଼ା ତାଲିମ ପ୍ରଦାନ କରାଯିବ। ଏଠାରୁ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରଛାତ୍ରୀମାନେ ଭୁବନେଶ୍ୱରସ୍ଥିତ କିସ୍ କିମ୍ବା କିଟ୍ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିପାରିବେ। ଭୁବନେଶ୍ୱର କିସ୍ ଏଠାରେ ମଧ୍ୟ ସମ୍ପୂର୍ଣ୍ଣ ଆବାସିକ ଓ ବିନା ଦେୟରେ କଳାହାଣ୍ଡି ଜିଲ୍ଲାର ଗରିବ ଓ ଅବହେଳିତ ଜନଜାତି ପିଲାମାନେ ପାଠ ପଢିପାରିବେ। ସମ୍ପୂର୍ଣ୍ଣ ସବୁଜ, ଇକୋ-ଫ୍ରେଣ୍ଡଲି ଓ ଟେକ୍ନୋଲୋଜି ଉପଯୋଗରେ ଏହି କ୍ୟାମ୍ପସ ପରିଚାଳିତ ହେବ। ଏହା କଳାହାଣ୍ଡିବାସୀଙ୍କ ସମ୍ପତ୍ତି ହୋଇ ରହିବ।

## ତିନି ଦିନିଆ ଓଡିଶା ଗସ୍ତରେ ଗାନ୍ଧୀବାଦୀ ଲେଖିକା ସୁଜାତା ଚୌଧୁରୀ

ଭୁବନେଶ୍ୱର,(ପି.ଏନ) : ହିନ୍ଦୀ ସାହିତ୍ୟ ଜଗତର ପ୍ରଖ୍ୟାତ ଗାନ୍ଧୀବାଦୀ ଲେଖିକା ତଥା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର କେନ୍ଦ୍ରୀୟ କମିଟି ସଦସ୍ୟା ଡ ? ସୁଜାତା ଚୌଧୁରୀ ଓଡିଶାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବିହାରର ଭାଗଲପୁରରୁ ଆଜି ଆସି ପହଞ୍ଚିଛନ୍ତି । ଡ ? ଚୌଧୁରୀ ଶୁକ୍ରବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନ ପରିସରରେ ସୁବନ ଖୁଣ୍ଟିଆ ସ୍ମୃତି ପ୍ରତିଷ୍ଠାନ ଓ ଉତ୍କଳ ଗାନ୍ଧୀ ସ୍ମାରକ ନିଧି ପକ୍ଷରୁ ଆୟୋଜିତ ସଭାରେ ଗାନ୍ଧୀଜୀ ଓ କୃଷକ ଶୀର୍ଷକ ବ୍ୟାଖ୍ୟାନ ପ୍ରଦାନ କରିବେ । ଶନିବାରରେ ଭଦ୍ରକ ଗସ୍ତକାଳରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ସନ୍ଧ୍ୟାରେ ଟାଉନ ହଲ ଠାରେ ଗାନ୍ଧୀ ଓ ଭଗତ ସିଂହ ଶୀର୍ଷକ ବ୍ୟାଖ୍ୟାନ ଦେବେ । ରବିବାରରେ କଟକ ନାରୀ ସଂଘ ସଦନଠାରେ ନାରୀ ସେବା ସଂଘ ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଆଲୋଚ଼ନାଚ୍‌କ୍ରରେ ବାପୁ ଓ ସ୍ତ୍ରୀ ଶୀର୍ଷକ ବକ୍ତବ୍ୟ ପ୍ରଦାନ କରିବେ । ଏଥିସହ ତାଙ୍କର କଟକ ଜିଲ୍ଲା ନିଆଳି ନିକଟସ୍ଥ ନାରିଶୋଠାରେ ଅବସ୍ଥିତ ପ୍ରାଚ଼ୀ ଚ଼ାଷୀ ମେଳି ଦ୍ୱାରା ହେଉଥିବା ବିହନ ସଂରକ୍ଷଣ ଓ ଜୈବ କୃଷି ପ୍ରଣାଳୀକୁ ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି ।

# ସାଇ ଜରାଶ୍ରମରେ ରଜ ମହୋତ୍ସବ




ଭୁବନେଶ୍ୱର,(ପି.ଏନ): ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଲେଡି ପ୍ରୋଟେକ୍ଟ ଟିମ୍ ପକ୍ଷରୁ ରଘୁନାଥପୁର ସ୍ଥିତ ଶିରିଡି ସାଇ ସନ୍ଥ ଜରାଶ୍ରମରେ ରଜ ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଲୋକଙ୍କ ଦୁଃଖରେ,ଅସୁବିଧା ସମୟରେ, କରୋନା ମୋହାମାରୀ କାଳରେ ଅସହାୟ ଓ ନିଃସହାୟଙ୍କ ପାଖରେ ପହଞ୍ଚି ସେବା ଯୋଗାଉଥିବା ଏଲ ପି ଟିମର ସଦସ୍ୟମାନେ ଜରାଶ୍ରମର ଅନ୍ତେବାସୀ ବୃଦ୍ଧ ବୃଦ୍ଧା ବାପା,ମାଙ୍କ ସହିତ ରଜ ମହୋତ୍ସବ ଧୁମଧାମରେ ପାଳନ କରିଛନ୍ତି।ଏଲପିଟିମ୍ ଓ ସାଇ ସନ୍ଥ ଆଶ୍ରମର ମିଳିତ ସହେଯାଗରେ ଆୟୋଜିତ ଏହି ମହୋତ୍ସବରେ ବିଶିଷ୍ଟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦା. କର୍ପୋରେଟର ଜୟନ୍ତୀ ସାହୁ ଓଡିଶା ମୋ ପରିବାରର ସଦସ୍ୟ ସୁବାସ ଚନ୍ଦ୍ର ପାତ୍ର ,ଆଇନଜୀବୀ ଡ ମଧୁମାଧବ ଜେନା, ପୁର୍ବତନ ଜିଲ୍ଲା ପରିଷଦ କୁନାଲ ରାଉତ, ଭୁବନେଶ୍ୱର ଜିଲା ସମ୍ପାଦକ ପ୍ରସନ କୁମାର ସାହୁ ପ୍ରମୁଖ ଯୋଗଦେଇ ରଜ ମେହୋତ୍ସବକୁ ଉଦଘାନକ କରିଥିଲେ । ପ୍ରଥମେ ଶ୍ରୀ ସାଇଙ୍କୁ ଶୋଭାଯାତ୍ରାରେ ନିଆଯାଇ ଝୁଲଣ ବେଦିରେ ସ୍ଥାପନ କରାଯାଇଥିଲା। ଏହାପରେ ଗୀତିକାର ଶରତ ବାରିକ ଓ ତାଙ୍କ ଟିମ ପକ୍ଷରୁ ସାଇ ଭଜନ ପରିବେଶଣ ହୋଇଥିଲା। ପିଲା ମାନଙ୍କ ମଧରେ ଝୋଟି,ପୁଚି, ବେଲୁନ୍ ଫଟା,ଦୌଡି ଡିଆଁ,ପାନ ଭଙ୍ଗା, ଛୁଞ୍ଚି ସୂତା, ନାଚଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଲପି ଟିମ୍ ଦ୍ୱାରା ରକ୍ତଦାନ ଓ ବୃକ୍ଷ ରୋପଣ ଉପରେ ପ୍ରସ୍ତୁତ ନାଟକ ପରିବେଷଣ କରାଯାଇଥିଲା । ଏହି ଅବସରରେ ସମାଜସେବା କ୍ଷେତ୍ରରେ ବିଭିନ୍ନ ଅବଦାନ ପାଇଁ ବାବୁଭାଇ ଟିମର ଅଧକ୍ଷ ପ୍ରଶନ୍ନ କୁମାର ସାହୁ,ଜୟ ଜୟ ଜଗନ୍ନାଥ ପରିବାରର ମୁଖ୍ୟ ଭଗବାନ ଦାସ,ଜଜବାର ଅଧକ୍ଷ ସଫଦର୍ ହାସିମ୍,ସାମ୍ବାଦିକ ଗୌରୀ ପ୍ରସାଦ ମୋହାନ୍ତି,ସ୍ୱପ୍ନାଳି ମୋହାନ୍ତିଙ୍କୁ ସଂସ୍କୃତି ସୁରକ୍ଷା ସମ୍ମାନ ପ୍ରଦାନ କରାଯିବା ସହ ଉତ୍ତରୀୟ .ଫୁଲତୋଡା ପରିବର୍ତ୍ତେ ପୁଷ୍ପ ଗଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା କାର୍ଯ୍ୟକ୍ରମକୁ ଜରଶ୍ରମର ଟ୍ରଷ୍ଟି ବିଜୟ ପାତ୍ର ,ଏଲପିଟିମର ଉପଦେଷ୍ଟା ସମରେନ୍ଦ୍ର ସାହୁ , ସମ୍ପାଦକ ଅନିରୁଦ୍ଧ ଲେଙ୍କା ଓ ସମସ୍ତ ସଦସ୍ୟ ପରିଚାଳନା କରିଥିଲାବେଳେ ସଭାପତି ରମାକାନ୍ତ ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ ଭବନ ସମ୍ମୁଖରେ ପିସିସି ପକ୍ଷରୁ ପ୍ରତିବାଦ ସଭା




ଭୁବନେଶ୍ୱର ,(ପି.ଏନ): ଏଆଇସିସି କାର୍ଯ୍ୟାଳୟରେ ଦିଲ୍ଲୀ ପୁଲିସ୍ ମାତ୍ରାଧିକ ପ୍ରତିହିଂସା ପରାୟଣ ହୋଇ ଏ.ଆଇ.ସି.ସି. କାର୍ଯ୍ୟାଳୟରେ ପ୍ରବେଶ କରିବା ଘଟଣା ସାରା ଦେଶରେ ତିବ୍ର ଆଲୋଡ଼ନ ସୃଷ୍ଟି କରିଛି। ଏ.ଆଇ.ସି.ସି.ର ନିଷ୍ପତି ଅନୁସାରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ସଭା ଓ ଧାରଣା କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱରସ୍ଥ ରାଜଭବନ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଗତ ୩ ଦିନ ଧରି ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡ଼ି) ଦ୍ୱାରା ଶ୍ରୀ ରାହୁଲ ଗାନ୍ଧୀଙ୍କୁ ନ୍ୟାସନାଲ ହେରାଲ୍‌ଡ ଖବର କାଗଜ ବିଷୟରେ ପଚରା ଉଚରା ପାଇଁ ଡାକିଲା ପରେ ମଧ ଆହୁରି କ'ଣ ପ୍ରଶ୍ନ ରହିଲା ଯେ, ପୁଣି ଆସନ୍ତାକାଲି ଶୁକ୍ରବାର ଦିନକୁ ଇଡ଼ି ସମନ ଜାରି କରିଛି ? ଏହାକୁ ପ୍ରତିବାଦ କରି ଏ.ଆଇ.ସି.ସି. ମୁଖ୍ୟାଳୟରେ କଂଗ୍ରେସ ଶାସିତ ମୁଖ୍ୟମନ୍ତ୍ରୀମାନେ, ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ସାଂସଦ ଓ ବର୍ତ୍ତମାନର ସାଂସଦ, ବିରୋଧି ଦଳର ନେତା ତଥା ଅଖିଳ ଭାରତୀୟ ଜାତୀୟ କଂଗ୍ରେସର ସାଧାରଣ ସଂପାଦକ, ସଂପାଦକ ସମେତ ହଜାର ହଜାର ସଂଖ୍ୟାର ଛାମୁଆଁ ସଂଗଠନ, ବିଭାଗ ଓ ପ୍ରକୋଷ୍ଠର ମୁଖ୍ୟ ଓ କର୍ମକର୍ତାମାନେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଓ ପ୍ରତିବାଦ କରୁଥିଲାବେଳେ ଗତ ତା. ୧୫/୦୬/୨୦୨୨ ରିଖ ଦିନ ଦିଲ୍ଲୀ ପୁଲିସ ଅଖିଳ ଭାରତ ଜାତୀୟ କଂଗ୍ରେସ କାର୍ଯ୍ୟାଳୟରେ ପଶି କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀମାନଙ୍କୁ ପିଟିବା ଏବଂ ପଦାଧିକାରୀମାନଙ୍କୁ ନିଜ କାର୍ଯ୍ୟାଳୟକୁ ଯିବାକୁ ନଦେବା ବିରୋଧରେ ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ ଭବନ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ପଟ୍ଟନାୟକ ଏବଂ ବହୁ କଂଗ୍ରେସ ନେତୃମଣ୍ଡଳୀ ଏକ ବିଶାଳ ଶୋଭାଯାତ୍ରାରେ ଭୁବନେଶ୍ୱର ଏଡ଼ିଏମ୍ କାର୍ଯ୍ୟାଳୟ ଠାରୁ ବାହାରି ପାଓ୍ୱାର ହାଉସ୍ ଛକ ଦେଇ ରାଜ ଭବନ ସମ୍ମୁଖ ଧାରଣା ସ୍ଥଳରେ ପହଂଚିଥିଲେ। ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଉପସ୍ଥିତ କଂଗ୍ରେସ ନେତୃବର୍ଗ ଓ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ, ଗତକିଛି ଦିନ ଧରି ଯେଉଁଭଳି ଭାବରେ ରାହୁଲ ଗାନ୍ଧୀ ଏବଂ ଶ୍ରୀମତୀ ସୋନିଆଙ୍କ ଗାନ୍ଧୀଙ୍କ ବିରୋଧରେ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ସରକାର ଆକ୍ରୋଶମୂଳକ, ଅଗଣତାନ୍ତ୍ରିକ ଓ ଅସମ୍ବିଧାନିକ କାର୍ଯ୍ୟକଳାପକୁ ଦିଲ୍ଲୀ ପୁଲିସ୍ ଓ ଇ.ଡ଼ି ମାଧ୍ୟମରେ କରାଉଛନ୍ତି ତାହା ତାଙ୍କୁ ବହୁ ମହଙ୍ଗା ପଡ଼ିବ। ଦେଶର ବେରୋଜଗାରୀ ସର୍ବୋଚ୍ଚସୀମା ଅତିକ୍ରମ କରିସାରିଛି, ୪୩ କୋଟି ଯୁବକ ଭାରତବର୍ଷରେ ଆଜି ବେରୋଜଗାର ଅଛନ୍ତି। ଦରଦାମ୍ ହୁ ହୁ ହୋଇ ବଢ଼ିଚାଲିଛି, ସାଧାରଣ ଜନତା ଦରଦାମ ବୃଦ୍ଧି ଯୋଗୁଁ ହନ୍ତସନ୍ତ ହୋଇପଡ଼ିଛନ୍ତି, ଚାଷୀମାନେ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ, ଦେଶର ଭାଇଚାରା ଆଜି ସଂପୂର୍ଣ୍ଣ ବିପର୍ଣ୍ଣ ଅବସ୍ଥାରେ, ଏ ସରକାର ସବୁ କ୍ଷେତ୍ରରେ ବିଫଳତାର ଶୀର୍ଷକୁ ଛୁଇଁଥିଲାବେଳେ ଶ୍ରୀ ରାହୁଲ ଗାନ୍ଧୀ ଏ ସମସ୍ତ ଘଟଣାକୁ ବାରମ୍ବାର ସରକାରଙ୍କୁ ଦୃଷ୍ଟିଆକର୍ଷଣ କରିବା ଓ କଠୋର ସମାଲୋଚନା କରିବା ଯୋଗୁଁ, ତାଙ୍କ ମୁହଁକୁ ବନ୍ଦ କରିଦେବା ଓ କଂଗ୍ରେସର ସ୍ୱରକୁ ଚପାଇଦେବାକୁ ଇଡ଼ି ମାଧ୍ୟମରେ ମୋଦୀ ଓ ସାହା ଅନବରତ ଉଦ୍ୟମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଅଟେ। ଏହାକୁ ନେଇ କଂଗ୍ରେସ ଆଦୌଂ ଭୟଭିତ ନୁହେଁ। ଗାନ୍ଧୀ ପରିବାର ଏ ଦେଶର ଏକତା, ସଂହତି, ଭାଇଚାରାକୁ ରକ୍ଷା କରିବା ପାଇଁ ବହୁ ବଳିଦାନ ଦେଇଛନ୍ତି। ମିଛ ଆରୋପ ଲଗାଇ ଗାନ୍ଧୀ ପରିବାରକୁ ବଦନାମ କରିବା ପାଇଁ ଯେଉଁ ଚେଷ୍ଟା ଚାଲିଛି ସେଥିରୁ ଯଥାଶୀଘ୍ର ମୋଦୀ, ସାହା କ୍ଷାନ୍ତ ରୁହନ୍ତୁ ବୋଲି ପ୍ରଦେଶ କଂଗ୍ରେସ କମିଟିର ମାନନୀୟ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଦୃଢ଼ ସମାଲୋଚନା କରିଛନ୍ତି ଓ ଆସନ୍ତାକାଲି ତା. ୧୭.୦୬.୨୦୨୨ (ଶୁକ୍ରବାର) ପ୍ରତି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାର କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହେଉଥିବାରୁ ସମସ୍ତ ପଦାଧିକାରୀ, କଂଗ୍ରେସ ଶୁଭେଚ୍ଛୁମାନେ ଯୋଗ ଦେବାକୁ ଆହ୍ୱାନ ଦେଇଥିଲେ।ଶାନ୍ତିପୂର୍ଣ୍ଣ ଭାବରେ ଆନ୍ଦୋଳନ କରୁଥିବା କଂଗ୍ରେସ ନେତୃବର୍ଗ ଏପରିକି ମହିଳା ସାଂସଦ ମାନଙ୍କୁ ଦିଲ୍ଲୀ ପୁଲିସ୍ ଯେଉଁ ଭଳି ଭାବରେ ଅମାନୁଷିକ ବ୍ୟବହାର କରୁଛନ୍ତି ତାହା ସ୍ୱାଧୀନ ଭାରତ ବର୍ଷର ଗଣତନ୍ତ୍ରରେ କେବେ ଦେଖାଯାଇନଥିଲା ବୋଲି ପୂର୍ବତନ ପି.ସି.ସି ସଭାପତି ଶ୍ରୀଯୁକ୍ତ ନିରନ ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ଯେଉଁ ନ୍ୟାସନାଲ ହେରାଲ୍‌ଡ଼ ଖବର କାଗଜର ମନି ଲଣ୍ଡରିଙ୍ଗ କଥା କୁହାଯାଉଛି, ଆଜି ପର୍ଯ୍ୟନ୍ତ କୌଣସି ବି ଥାନାରେ ଏପର୍ଯ୍ୟନ୍ତ ଏତଲା ଦାୟର ହୋଇନାହିଁ ବୋଲି ପୂର୍ବତନ ପିସିସି ସଭାପତି ଶ୍ରୀଯୁକ୍ତ ପ୍ରସାଦ ହରିଚନ୍ଦନ ମତବ୍ୟକ୍ତ କରିଥିଲେ। ଯଦି ଏତଲା ଦାୟର ହୋଇଛି, ତାହା ହେଲେ ଇଡ଼ି କିମ୍ବା ମୋଦୀ ଓ ଅମିତ ଶାହା ଏହାର ଏତଲା ସଂଖ୍ୟା ନମ୍ବର କେତେ, କେଉଁ ତାରିଖରେ ଓ କେଉଁଠି ହୋଇଛି ବୋଲି ଦେଶବାସୀଙ୍କୁ ଜଣାନ୍ତୁ ବୋଲି ପୂର୍ବତନ ପିସିସି ସଭାପତି ଶ୍ରୀଯୁକ୍ତ ଜୟଦେବ ଜେନା କହିଛନ୍ତି। ସାରା ଭାରତ ବର୍ଷରେ କଂଗ୍ରେସ ନେତୃବର୍ଗ ଓ କଂଗ୍ରେସ କର୍ମୀମାନେ, ଗାନ୍ଧୀ ପରିବାର ପଛରେ। ଭାରତୀୟ ଜନତା ପାର୍ଟିର ଜୁମୁଲା ବାଜି ଯୋଗୁ ଆଜି ଦେଶ ରସାତଳ ଗାମି। ଦୀର୍ଘ ୮ ବର୍ଷ ପରେ ୮ ଟି ସମସ୍ୟାକୁ କେନ୍ଦ୍ରର ମୋଦୀ ନେତୃତ୍ୱ ବିଜେପି ସରକାର ସମାଧାନ କରିବାର ସଂପୂର୍ଣ୍ଣ ଅସମର୍ଥ ବୋଲି ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ପ୍ରାକ୍ତନ ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶ୍ୱର ବେହେରା ନିଜ ଅଭିଭାଷଣରେ ବର୍ଣ୍ଣନା କରିଥିଲେ। ଏହି ପ୍ରତିବାଦ ଓ ଧାରଣା କାର୍ଯ୍ୟକ୍ରମକୁ ବରିଷ୍ଠ କଂଗ୍ରେସ ନେତା ତଥା ଏ.ଆଇ.ସି.ସି. ଟ୍ରେନିଙ୍ଗ କୋଅଡ଼ିନେଟର ଶ୍ରୀଯୁକ୍ତ ଶୁଭେନ୍ଦୁ ମହାନ୍ତି ପରିଚାଳନା କରିଥିବାବେଳେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ବିଶ୍ୱଜିତ୍ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ଏହି ପ୍ରତିବାଦ ଧାରଣା ସଭାରେ ବିଧାୟକ ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ, ସନ୍ତୋଷିଂ ସାଲୁଜା, ଦାଶରଥି ଗମାଙ୍ଗୋ, ବରିଷ୍ଠ କଂଗ୍ରେସ ନେତା ସର୍ବଶ୍ରୀ ଜଗନ୍ନାଥ ପଟ୍ଟନାୟକ, ପଂଚାନନ କାନୁନ୍‌ଗୋ, ଅନନ୍ତ ପ୍ରସାଦ ସେଠୀ, ସୁରେଶ କୁମାର ମହାପାତ୍ର, ଯୁଧିଷ୍ଠିର ଜେନା, ଲଲାଟେନ୍ଦୁ ମହାପାତ୍ର, ସୁରେନ୍ଦ୍ର କୁମାର ପରମାଣିକ, ନିମାଇଁ ସରକାର, ରବିନ୍ଦ୍ର ମଲ୍ଲିକ, ଡକ୍ଟର ଦେବାଶିଷ ପଟ୍ଟନାୟକ, ଇଂ ସସ୍ମିତା ବେହେରା, ବିଶ୍ୱରନ ମହାନ୍ତି, ବନ୍ଦିତା ପରିଡ଼ା, ଲୋକନାଥ ମହାରଥି, କିଶୋର ଜେନା, ଚିନ୍ମୟ ସୁନ୍ଦର ଦାସ, ସ୍ମୃତିରନ ଲେଙ୍କା, ୟାସିର ନୱାଜ, ବାଙ୍କନିଧି ବେହେରା, ଅମୀୟ ପଟ୍ଟନାୟକ, ଚିନ୍ମୟ ବେଉରା, ପଦ୍ମାକର ଗୁରୁ, ରଜନୀ ମହାନ୍ତି, ରାଜୀବ ପଟ୍ଟନାୟକ, ଶିବାନନ୍ଦ ରାୟ, ଜାନକୀବଲ୍ଲଭ ପଟ୍ଟନାୟକ, ସମୀର ରାଉତରାୟ, ବିଷ୍ଣୁୟ ମହାପାତ୍ର, ବିଶ୍ୱଭୂଷଣ ଦାସ, ଅନୁଲେଖା ଭୁଷା, ରଶ୍ମି ମହାପାତ୍ର, ମଧୁସ୍ମିତା ଆଚାର୍ଯ୍ୟ, ନିରନ ନାୟକ, ଜୟନ୍ତ ମହାନ୍ତି, ସ୍ୱାଧୀନବାଳା ଦାସ, କୈଳାସ ସାହୁ, ସତ୍ୟବ୍ରତ ନାୟକ, ତରୁଣ ମିଶ୍ର, ମନୋରନ ଦାସ, ନକୁଳ ନାୟକ, ଲଲାଟେନ୍ଦୁ ଦାସ, ଜ୍ଞାନରନ ପଟ୍ଟନାୟକ, ସୁଶାନ୍ତ ତ୍ରିପାଠୀ, ସଂକୁନା କଂଅର, ରାଜ କିଶୋର ବାରିକ, ସୁବ୍ରତ ମହାପାତ୍ର, ଦିପକ କୁମାର ମହାପାତ୍ର, ଦୀପକ କୁମାର ସାହୁ, ନିରୁପମା ଦାସ, ନିରୁପମା ପାତ୍ର, ନିର୍ମଳା ମଲ୍ଲିକ, ସମ୍ଭୁନାଥ ପାଣିଗ୍ରାହି, ଜ୍ୟୋତିଷ ସାହୁ, ଏମ୍.ଡ଼ି ସାହା ଦୁଲ୍ଲା, ଯୋଗୀନାଥ ବାହୁବଳେନ୍ଦ୍ର, ରଜତ ଚୌଧୁରୀ, ଆଲୋକ ମହାନ୍ତି, ମିହିର ଅଚାର୍ଯ୍ୟ, ମାନସ ଆଚାର୍ଯ୍ୟ, ମୁନି ଥାପା, ନିତ୍ୟାନନ୍ଦ ମହାନ୍ତି, ରୂପଦିପ୍ତା ମହାପାତ୍ର, ବିନ୍ଧ୍ୟବିନି ସାହୁ, ଉର୍ବଶ୍ରୀ ମିଶ୍ର, ନିରନ ଦାସ, ଚୈତାଳି ପଟ୍ଟନାୟକ, ଆକବର ଅଲ୍ଲୀ, ସଂଜୟ ରାଉତ, ଜୟନ୍ତ ଭୋଇ, ରିତ ପାତ୍ର, ବିଶ୍ୱଭୂଷଣ ମହାପାତ୍ର, ପ୍ରକାଶ ମିଶ୍ର, ବୈଲୋଚନ ସାହୁ, ସଂଜୀବ ମହାନ୍ତି ଓ ନରେଶ ମହାନ୍ତି ପ୍ରମୁଖ ହଜାର ହଜାର ସଂଖ୍ୟାରେ କଂଗ୍ରେସ ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତାମାନେ ଧାରଣା ଓ ପ୍ରତିବାଦ ସଭାରେ ଯୋଗ ଦେଇ କେନ୍ଦ୍ର ସରକାରଙ୍କର ବିରୋଧରେ ନାରାବାଜି କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray